

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୦ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 MARCH 2025

Vol.No. 36 ■ No.74 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ନବ ଦାସ ହତ୍ୟା ମାମଲାରେ ପ୍ରକୃତ ଦୋଷୀଙ୍କୁ ଧରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବ: ମୁଖ୍ୟମନ୍ତ୍ରୀ

## ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବ ଦାସଙ୍କ ପତ୍ନୀ-ଝିଅ-ପୁଅ



ଭୁବନେଶ୍ୱର, ୧୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଉଚିତ୍ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି। ସ୍ୱର୍ଗତ ଦାସଙ୍କ ପତ୍ନୀ ମୀନତି ଦାସ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତାଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଏବଂ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ। ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେ କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଅବଗତ କରାଇପାରିବେ । ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବ୍ୟକ୍ତିଗତ ଭାବେ ଭେଟି ଏହି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବାର ଭରସା ଦେଇଥିବାରୁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ବିଜେଡି ନେତା ନବ ଦାସଙ୍କ ହତ୍ୟା ମାମଲାକୁ ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କୁ ନବ ଦାସଙ୍କ ପରିବାର ଭେଟିଥିଲେ। ▶▶ପୃଷ୍ଠା ୭

# ରତ୍ନ ଭଣ୍ଡାର କମିଶନଙ୍କ ରିପୋର୍ଟ : ସ୍ପଷ୍ଟୀକରଣ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୯/୩ (ନି.ପ୍ର): ରତ୍ନ ଭଣ୍ଡାର କମିଶନଙ୍କ ରିପୋର୍ଟ ସାର୍ବଜନୀନ ହେବ କି ନାହିଁ ଏବେବି ଦ୍ୱନ୍ଦ୍ୱ ରହିଛି । ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି ହୋଇଛି । ରାଜ୍ୟ ସରକାର ଦେଇଥିବା ଦୁଇଟି ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ ହେବ କି ନାହିଁ ସେନେଇ ଭିନ୍ନ ଭିନ୍ନ ତଥ୍ୟ ରହିଛି । ତେଣୁ ଏହା ଉପରେ ସ୍ପଷ୍ଟୀକରଣ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସେପଟେ ଆଜି କୋର୍ଟରେ ଶୁଣାଣି ବେଳେ ଆବେଦନକାରୀ ଦିଲ୍ଲୀପ ବରାଳ ପକ୍ଷ ରଖିଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସଙ୍କ ରିପୋର୍ଟ ସାର୍ବଜନୀନ କରିବା ନେଇ ସରକାର ନୀରବ ରହିଛନ୍ତି । ରିପୋର୍ଟ ଉପଯୁକ୍ତ ସମୟରେ ବିଧାନସଭାରେ ଉପସ୍ଥାପିତ ନହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆଇନଜୀବୀ ଦିଲ୍ଲୀପ ବରାଳ । ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ: ଖରା ମୁକାବିଲା ପାଇଁ ଗାଇଡଲାଇନ୍



ଭୁବନେଶ୍ୱର, ୧୯/୩ (ନି.ପ୍ର): ଖରାକୁ ଦୃଷ୍ଟିରେ ରଖି ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର । ଏପ୍ରିଲ ୨ରୁ ରାଜ୍ୟରେ ହେବ ସକାଳୁଆ ସ୍କୁଲ । ତେବେ ସ୍କୁଲର ସମୟ ସାରଣୀ ପ୍ରକାଶ ପାଇନାହିଁ । ସ୍ଥିତିକୁ ଦେଖି ସପ୍ତାହେ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ପ୍ରକାଶ ପାଇବ । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଗତକାଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଜିଠୁ ଅଙ୍ଗନୱାଡି କେନ୍ଦ୍ର ସକାଳୁଆ ଆରମ୍ଭ ହୋଇଛି । ସକାଳ ୭ଟାରୁ ଦିନ ୯ଟା ଯାଏ ଖୋଲା ରହୁଛି ଅଙ୍ଗନବାଡ଼ି । ▶▶ପୃଷ୍ଠା ୭

# ସଂଗ୍ରହ ହେଲାଣି ଗତ ବର୍ଷଠାରୁ ଅଧିକ ଧାନ

ଭୁବନେଶ୍ୱର, ୧୯/୩ (ନି.ପ୍ର): ଚଳିତ ଖରିଫ ଋତୁରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଗତବର୍ଷ ଉଭୟ ଖରିଫ ଓ ରବିରେ ହୋଇଥିବା ଧାନ ସଂଗ୍ରହ ପରିମାଣକୁ ଟପିଗଲାଣି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ଧାନ ସଂଗ୍ରହ ବର୍ଷରେ ଖରିଫ ଓ ରବି ଋତୁରେ ମୋଟ ୭୦.୮୮ ଲକ୍ଷ ମେଟ୍ରିକ ଟନର ଧାନ ୧୫,୪୭୫ କୋଟି ଟଙ୍କାରେ ସଂଗ୍ରହ ହୋଇଥିଲା। ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଖରିଫ ଋତୁରେ ମାର୍ଚ୍ଚ ୧୧ତାରିଖ ସୁଦ୍ଧା ୭୧.୧୨ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇ ଏ ବାବଦରକୁ ପଞ୍ଜିକୃତ ଯୋଗ୍ୟ ଚାଷୀମାନଙ୍କୁ ୨୨,୦୪୬ କୋଟି ଟଙ୍କା ପ୍ରଦାନ କରାଯାଇଛି।

# କୃଷକ ପରିବାରର ଆୟ ଜାତୀୟ ସ୍ତରରେ ଅଧିକ

ଭୁବନେଶ୍ୱର, ୧୯/୩ (ନି.ପ୍ର): କୃଷକ ପରିବାରର ମାସିକ ହାରାହାରି ଆୟ ଜାତୀୟ ସ୍ତରରେ ଛଅ ବର୍ଷ ମଧ୍ୟରେ ୩୭୯୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଓଡିଶାରେ ଏହା ବଢିଛି ମାତ୍ର ୧୩୬ ଟଙ୍କା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦେଇଥିବା ତଥ୍ୟରୁ ଏହା ଜଣାଯାଇଛି। କୃଷିମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ, କୃଷକ ପରିବାରର ମାସିକ ହାରାହାରି ଆୟ ଆକଳନ କରିଥାଏ। ୨୦୧୩ ମସହାରେ ହୋଇଥିବା ୭୦ତମ ନମୂନା ସର୍ବେକ୍ଷଣରେ ସର୍ବଭାରତୀୟ ସ୍ତରର ଗୋଟିଏ କୃଷକ ପରିବାରର ମାସିକ ଆୟ ୬୪୨୬ ଟଙ୍କା ଥିବାବେଳେ ୨୦୧୯ ମସିହାରେ ହୋଇଥିବା ୭୭ତମ ସର୍ବେକ୍ଷଣରେ ଜାତୀୟ ସ୍ତରରେ କୃଷକ ପରିବାରର ମାସିକ ଆୟ ହାରାହାରି ଭାବେ ୧୦,୨୧୮ ଟଙ୍କାରେ ପହଞ୍ଚି ଥିବାବେଳେ ଓଡିଶାରେ ଏହା ୫୧୧୨ ଟଙ୍କାକୁ ବୃଦ୍ଧି ପାଇଥିଲା।
ରାଜ୍ୟରେ କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ଯୋଜନାରେ ହେଉଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ କୃଷି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ତାତିରୁ ମିଳିବ ଆଶ୍ୱସ୍ତି: ୩ ଦିନ ପରେ ୩ରୁ ୫ ଡିଗ୍ରୀ କମିବ ତାପମାତ୍ରା

ଭୁବନେଶ୍ୱର, ୧୯/୩ (ନି.ପ୍ର): ହଟିଲା ହିଟୱେଭ ସତର୍କତା, ବଦଳିଲା ପାଗର ମିଜାଜ । ତାତିରୁ ମୁକ୍ତି ପାଇବେ ରାଜ୍ୟବାସୀ । ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା । ୨୩ ତାରିଖ ଯାଏ ବର୍ଷା ସମ୍ଭାବନା ରହିଥିବା ନେଇ ସୂଚନା ଦେଇଛି ପାଣିପାଗ ବିଭାଗ । ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡଘଡି ସହ ହାଲୁକା ବର୍ଷା ସମ୍ଭାବନା ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ବର୍ଷା ସମୟରେ ୩୦ ରୁ ୪୦ କିଲୋମିଟର ବେଗରେ ପବନ ମଧ୍ୟ ବୋହିବ । ସେହିପରି ଆସନ୍ତାକାଲି ପାଇଁ ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟରେ କାଁ ଭାଁ ସ୍ଥାନରେ କୁଆପଥର ସହ ବର୍ଷାର ସମ୍ଭାବନା ରହିଛି । ୨୧ ତାରିଖରେ ବର୍ଷାର ପରିମାଣ ବଢ଼ିବ ବୋଲି ଅନୁମାନ କରାଯାଇଛି । ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଓ ଝାରସୁଗୁଡାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୨ତାରିଖରେ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେବ । ଏଥିପାଇଁ ପାଣିପାଗ ବିଭାଗ ୧୦ ଜିଲ୍ଲାକୁ ଅରେଞ୍ଜ ସହ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆଜିଠାରୁ ୨୩ ଯାଏ ବର୍ଷାର ସମ୍ଭାବନା ସହ ତାତିରୁ ଆଶ୍ୱସ୍ତି ମିଳିବ । ସେପଟେ ୪୮ ଘଣ୍ଟା ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ । ୩ ଦିନ ପରେ ୩ ରୁ ୫ ଡିଗ୍ରୀ ତାପମାତ୍ରା କମିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଗତ ୨୪ ଘଣ୍ଟାରେ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱରରେ ୩୪.୬ ଓ କଟକରେ ୩୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଏମିତିକି ୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଟପିଛି । ଅପରପକ୍ଷେ ବର୍ଷା ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି ଏସଆରସି ।

# ରାଜା ଖୋଲିବ ପେଡି: ରିମାଣ୍ଡରେ ନେବ ଇଓଡବ୍ଲ୍ୟୁ



ଭୁବନେଶ୍ୱର, ୧୯/୩ (ନି.ପ୍ର): ବିଜେଡି ନେତା ରାଜା ଚକ୍ରକୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ। ୩ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ବାଲେଶ୍ୱର ଜଟଓଭ କୋର୍ଟ। ଗତକାଲି ୫ ଦିନିଆ ରିମାଣ୍ଡରେ ନେବାକୁ ବାଲେଶ୍ୱର ଜଟଓଭ କୋର୍ଟରେ ଆବେଦନ କରିଥିଲା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା। ତେବେ ଆବେଦନର ଶୁଣାଣି କରି ରାଜା ଚକ୍ରକୁ ୩ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ସେହିପରି ରାଜା ସହ ତାର ଅନ୍ୟ ୨ ସହଯୋଗୀଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ। ସଭାପତି ମାନସ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେବ। ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ରାଜାକୁ ଗୁଡ଼ାଇ ତୁଡ଼ାଇ ଅନେକ ପ୍ରଶ୍ନ ପଚାରିବ। ରାଜା ସହ ଦୁର୍ନୀତିରେ କେଉଁମାନେ ସାମିଲ ଥିଲେ, ରାଜା ଯେଉଁ କଳା ସାମ୍ରାଜ୍ୟ ବିଛାଇଥିଲା, ସେଥିରେ ତାକୁ କେଉଁମାନେ ସହଯୋଗ କରିଥିଲେ ଏନେଇ ପଚରାଉଚରା କରିବ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ। କେଉଁମାନେ ଏ ବଡ଼ କେଳେଙ୍କାରୀରେ ସଂପୃକ୍ତ ସେନେଇ ଖୋଳତାଡ କରିବାକୁ ଯୋଜନା ▶▶ପୃଷ୍ଠା ୭

# ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ ୧ ଲକ୍ଷ ମହିଳା: ପୁଣି ହେବ ୱାନ ଟୁ ୱାନ ସର୍ଭେ



ଭୁବନେଶ୍ୱର, ୧୯/୩ (ନି.ପ୍ର): ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ ହୋଇଛନ୍ତି ୧ ଲକ୍ଷ ମହିଳା । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ରାକ୍ଷୀ ପୂର୍ଣ୍ଣିମାରେ ପାଇବେ ଦ୍ୱିତୀୟ କିସ୍ତି । ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସରକାରଙ୍କ ସୂଚନା ଅନୁସାରେ,୧ କୋଟି ୬୪ ହଜାର ମହିଳା ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କା ପାଇଥିଲେ । ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତି ଟଙ୍କା ପଠାଯାଇଥିଲା,ସେଥିରେ ୧ ଲକ୍ଷ ମହିଳା ଦ୍ୱିତୀୟ କିସ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ଅର୍ଥାତ୍ ୯୯ ଲକ୍ଷ ୬୪ ହଜାର ମହିଳା ଦ୍ୱିତୀୟ କିସ୍ତି ଟଙ୍କା ପାଇଛନ୍ତି । ରାସନକାର୍ଡ ଓ ବାର୍ଷିକ ଆୟରେ ତାଳମେଳ ଖିଲାପି ଯୋଗୁଁ ୧ ଲକ୍ଷ ମହିଳା ଅସୁବିଧା ଭୋଗୁଛନ୍ତି । ମାର୍ଚ୍ଚ ୩୧ ପରେ ହେବ ୱାନ୍ ଟୁ ୱାନ ସର୍ଭେ ଏବଂ ରାକ୍ଷୀ ପୂର୍ଣ୍ଣିମାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀ ପାଇବେ ଦ୍ୱିତୀୟ କିସ୍ତି । ଯେଉଁମାନେ ପ୍ରଥମ କିସ୍ତି ପାଇଥିଲେ, ଦ୍ୱିତୀୟ କିସ୍ତି ଆସିବା ବେଳେ ତାଙ୍କ ପାଖରେ ଥିବା ଆୟ ବର୍ଗ ଅଧିକ ଥିବାରୁ ରାସନ୍ କାର୍ଡ ଫେରେଇଛନ୍ତି । ସେଇ କାରଣରୁ ୧ଲକ୍ଷ ମହିଳାଙ୍କୁ ଅସୁବିଧା ଭୋଗ କରିବାକୁ ପଡିଛି । କିଛି ମହିଳା ତାଙ୍କ ଭିତରୁ ଗାଡ଼ି କିଣିଛନ୍ତି । ୫ ଏକର ଜମି ନଥାଇ ଧାନ ମଣ୍ଡିରେ ଅଧିକ ଧାନ ଦେଇଛନ୍ତି । ଏଭଳି ଅସୁବିଧା ହିତାଧିକାରୀ ଚୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିଛି । ସେହି କାରଣରୁ ୧ଲକ୍ଷ ମହିଳାଙ୍କ ରିଭ୍ୟୁ ଚାଲିଛି । ▶▶ପୃଷ୍ଠା ୭

# ମହାଶୂନ୍ୟରୁ ଫେରିଲେ ସୁନୀତା : ପାଇଲେ ନୂଆ ଜୀବନ



ନୂଆଦିଲ୍ଲୀ, ୧୯/୩ : ମହାକାଶ ବିଜ୍ଞାନ କ୍ଷେତ୍ରରେ ବଡ଼ ସଫଳତା । ୯ ମାସ ପରେ ପୃଥିବୀକୁ ଫେରିଛନ୍ତି ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର । ସୁନୀତା ଓ ବୁଚଙ୍କ ସହ ଅନ୍ୟ ୨ କ୍ରୁ ସଦସ୍ୟ ଆଲେକଜାଣ୍ଡର ଗୋର୍ବୁନୋଭ ଓ ନାସା ମହାକାଶଚାରୀ ନିକ୍ ହେଗ ଫେରିଛନ୍ତି। ଆମେରିକାର ଫ୍ଲୋରିଡା ନିକଟ ସମୁଦ୍ରତଟରେ ସ୍ପେସ୍-ଏକ୍ସ କ୍ରୁ ଡ୍ରାଗନର ସଫଳ ଅବତରଣ ହୋଇଛି । ଦୀର୍ଘ ୧୭ ଘଣ୍ଟାର ଯାତ୍ରା ପରେ ସ୍ପେସ୍ ଷ୍ଟେସନରୁ ପୃଥିବୀ ପୃଷ୍ଠରେ ପହଞ୍ଚିଛନ୍ତି ମହାକାଶଚାରୀ । ଭାରତୀୟ ସମୟ ଭୋର ୩ଟା ୨୭ ମିନିଟରେ ସମୁଦ୍ରରେ ଲ୍ୟାଣ୍ଡିଙ୍ଗ କରିଛି ନାସାର ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ। ପରେ ୪ ମହାକାଶଚାରୀ ବାହାରକୁ ଆସିଥିବାର ଭିଡ଼ିଓ ସାମ୍ନାକୁ ଆସିଛି। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ସମୟରେ ସ୍ପେସ୍ଏକ୍ସ କ୍ରୁ ଡ୍ରାଗନର ବେଗ ଘଣ୍ଟା ପ୍ରତି ୨୭ ହଜାର କିଲୋମିଟର ଥିଲା । ଶବ୍ଦର ବେଗଠୁ ୨୨ ଗୁଣା ଅଧିକ ବେଗରେ କ୍ୟାପସୁଲ ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରିବା ପରେ ବାହ୍ୟ ତାପାମତ୍ରା ୧୯୨୬ ଡୀଗ୍ରୀ ▶▶ପୃଷ୍ଠା ୭

# ଚାକିରି ପାଇଁ ଜମି ସ୍କାମ ମାମଲା: ଲାଲୁ ପ୍ରସାଦ ଯାଦବଙ୍କୁ ଇଡି କରୁଛି ଜେରା



ନୂଆଦିଲ୍ଲୀ, ୧୯/୩ : ଚାଲିଛି ଜେରା,ଫିଟିବ ଚାକିରି ପାଇଁ ହୋଇଥିବା ଜମି ସ୍କାମର ନୂଆ ତଥ୍ୟ। ମଙ୍ଗଳବାର ରାବରୀ, ତେଜସ୍ୱୀ ଓ ମିଶା ଭାରତୀଙ୍କୁ ୭ଘଣ୍ଟା ଜେରା କରିବା ପରେ ଆଜି ପାଳି ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କର । ବିହାର ଇଡି ମୁଖ୍ୟାଳୟରେ ପହଁଚିସାରିଛନ୍ତି ଲାଲୁ ଓ ଇଡି ଅଧିକାରୀଙ୍କ ଜେରାର ସମ୍ମୁଖୀନ ହେଉଛନ୍ତି । ଇଡି କାର୍ଯ୍ୟାଳୟରେ ପହଁଚିବା ସମୟରେ ଲାଲୁଙ୍କ ସହ ଶତାଧିକ ସଂଖ୍ୟକ ସମର୍ଥକଙ୍କ ଭିଡ ଦେଖିବାକୁ ମିଳିଛି । ୨୦୦୪ରୁ ୨୦୦୯ ଯେଉଁ ସମୟରେ ଲାଲୁ ରେଳମନ୍ତ୍ରୀ ଥିଲେ ସେହି ସମୟର ଏହି ଦୁର୍ନୀତି । ଆଶାୟୀ ପ୍ରାର୍ଥୀଙ୍କୁ ଜମି ବଦଳରେ ଚାକିରି ଦେବା ନେଇ ମହାଦୁର୍ନିତୀର ପର୍ଦ୍ଦାଫାଶ ହେବା ପରେ ଅଡୁଆରେ ଯାଦବ ପରିବାର ।

# ଜିଲ୍ଲା ପୋଲିସ ପକ୍ଷରୁ ଫୁଲବାଣୀ ଆଦର୍ଶ ଥାନାରେ ମେଗା ରକ୍ତଦାନ ଶିବିର :୧୨୬ ୟୁନିଟ୍ ରକ୍ତ ସଂଗୃହିତ

କନ୍ଧମାଳ,୧୯/୩ (ନି.ପ୍ର): କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ୍ ପକ୍ଷରୁ ଫୁଲବାଣୀ ଆଦର୍ଶ ଥାନାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନ୍ଧମାଳ ଏସପି ହରିଶ୍ ବିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ତାଙ୍କ ସହିତ ଡିଏସପି ମାନସ ରଞ୍ଜନ ବାରିକ୍, ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡ. ଅଭିସ୍ପା ବଳ, ଆଦର୍ଶ ଥାନା ଅଧିକାରୀ ସ୍ୱରୂପ କିଶାନ୍, ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ ଏବଂ ଫୁଲବାଣୀ ରକ୍ତଦାନ ସମିତି ସହସମ୍ପାଦକ ତଥା ବରିଷ୍ଠ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା, ଟିମ ହ୍ୟୁମାନିଟି ର ଆବାହକ ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାରର ଦିନକୃଷ୍ଣ ମହନ୍ତ, ଅର୍ଚ୍ଚନା ପ୍ରଧାନ, ସାକେତରାନି ନାୟକ, ପ୍ରଶାନ୍ତ କୁମାର ରତ୍ନାଲୁ ଏବଂ ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ। ଏହି ଅବସରରେ ଫୁଲବଣୀ ଆଇଟିଆଇ, ପଲିଟେକନିକ୍ କଲେଜ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି, ରେଡକ୍ରସ୍, ବି.ଇ.ଡି. କଲେଜ, ଏସ.ଓ.ଜି. ଜବାନ, ପୋଲିସ ବାହିନୀ ଏବଂ ହୋମଗାର୍ଡ ର କର୍ମଚାରୀ ମାନେ ବହୁ ସଂଖ୍ୟାରେ ଆସି ରକ୍ତଦାନ କରିଥିଲେ। ଶିବିରରେ ଫୁଲବାଣୀ ଟିମ ହ୍ୟୁମାନିଟି ଏବଂ ଫୁଲବାଣୀ ମିତ୍ରା ଫାଉଣ୍ଡେସନ, ଫୁଲବାଣୀ ପୌରପରିଷଦ ର ୱାର୍ଡ ମେମ୍ବର ମାନେ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ସମ୍ପୂର୍ଣ୍ଣ ଭାବେ ସହାୟତା କରିଥିଲେ। ଏଥିରେ ଫୁଲବାଣୀ ଆଦର୍ଶ ଥାନାର ଏସଆଇ ସରୋଜ କୁମାର ସାହୁ, ମନୋରଞ୍ଜନ ଭୋଇ ଏବଂ ଅନ୍ୟ କର୍ମଚାରୀମାନଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ବ୍ରାହ୍ମଣୀ ନଦୀରେ ବୁଡି ବୃଦ୍ଧା ମୃତ

ଧର୍ମଶାଳା,୧୯/୩ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ପଂଚାୟତରେ ଅଘଟଣ । ବ୍ରାହ୍ମଣୀ ନଦୀରେ ଗାଧୋଇବା ହେଲା କାଳ । ଗଭୀର ପୁଣି ବୁଡି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଏହି ରୁଦ୍ରପୁର ଗ୍ରାମର ବିବେକାନନ୍ଦ ଦାସଙ୍କ ପତ୍ନୀ ସୁମା(୭୦) ବୋଲି ଜଣାପଡିଛି । ଏନେଇ ସୁମାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ଆଜି ସକାଳେ ସୁମା ଘର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ । ସେଠାରେ ଅସାବଧାନତା ହେତୁ ଗୋଡ ଖସି ଯାଇଥିଲା । ଫଳରେ ଗଭୀର ପାଣିରେ ବୁଡି ଯାଇଥିଲେ । ତେବେ ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନଦୀ ପାଣିରେ ଦିନ ୧୨ଟା ସମୟରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇ ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ । ପୋଲିସ ଖବର ପାଇ ପାଣିରୁ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି । ସୁମାଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବଲାଙ୍ଗୀର ଟାଉନ ହଲ୍ ମରାମତି ପାଇଁ ବଲାଙ୍ଗୀର ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ନିରବ କାହିଁକି ?

ବଲାଙ୍ଗିର,୧୯/୩ (ନି.ପ୍ର): ବଲାଙ୍ଗୀର ଟାଉନ ହଲ ଦୁଇ ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଟାଉନ ହଲର ମରାମତି ପାଇଁ ରାଜ୍ୟ ସରକାର ଏକ କୋଟି ପଚାଶ ଲକ୍ଷ ଟଙ୍କା ମଂଜୁର କରିଥିଲେ । ଟେଣ୍ଡର ହୋଇ ଏକ କମ୍ପାନୀ ପାଇଁ ଥିଲା ଏବଂ କାମ ମଧ ଆରମ୍ଭ ହୋଇଥିଲା । ଦୁଃଖର ବିଷୟ କାମ ଆରମ୍ଭ ହେଉ ହେଉ ଗୋଟିଏ ମାସ ପରେ ବନ୍ଦ ହୋଇଗଲା କାହିଁକି ? କାମ ବନ୍ଦ ହେଲା ମାସ ମାସ ଧରି କେହି ଜାଣି ପାରିଲେ ନାହିଁ କାହିଁକି ? ଆଜିକୁ ଦଶ ମାସ ହେଲା ବଲାଙ୍ଗୀର ଟାଉନ ହଲ ମରାମତି କାମ ବନ୍ଦ ହୋଇ ପଡିଛି । ପୌର ପରିଷଦର ଅଧକ୍ଷା ଲିକା ସାହୁଙ୍କ ସହିତ ଆଲୋଚନା କଲୁ ସେ କହିଲେ ନିର୍ବାଚନ ପାଇଁ ଓ ନୁଆ ସରକାର ବଦଳିବା ପାଇଁ କାମ ଲେଟ ହେଲା କିନ୍ତୁ ନିର୍ବାଚନ ଆଗରୁ ପଇସା ଆସିଥଲା କାମ ବି ଚାଲିଥିଲା ହଠାତ କାହିଁକି ବନ୍ଦ ହୋଇଗଲା ସେ କଥା ଜାଣିବ କିଏ ? ପୌର ପରିଷଦର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ସହିତ ଆଲୋଚନା ମଧ କରିଥିଲୁ କାମ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶୃତି ମଧ ଦେଇଥିଲେ ହେଲେ କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହେଲା ନାହିଁ । ଯଦ୍ୱାରା ବଲାଙ୍ଗୀର ସହରରେ ଏକ ମାତ୍ର ଟାଉନ ହଲ ଯେଉଁଠି ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଭିନ୍ନ ସମାଜ, ସାଂସ୍କୃତିକ ଅନୁଷ୍ଠାନ ମାନେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି, ନୂଆଁଖାଇ ଭେଟଘାଟ, ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ଯାହାକି ଦୁଇ ବର୍ଷ ହେଲା ବନ୍ଦ ହୋଇ ପଡିଛି । ଏହାଦ୍ୱାରା ଜିଲ୍ଲାରେ ବୃଦ୍ଧିଜିବୀ ଓ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି ଏବଂ ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ମନରେ ବିକାଶର ସମାଲୋଚନା ଶୁଣିବାକୁ ମିଳୁଛି ତଥା କାହିଁକି ଟାଉନ ହଲ ମରାମତି କାର୍ଯ୍ୟ ବନ୍ଦ ହୋଇଛି ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ? ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସମସ୍ତ ସଦସ୍ୟ ଆଜି ପୌର ପରିଷଦର ପୌରାଧକ୍ଷା ଲିକା ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ମହୋଦୟଙ୍କୁ ଭେଟି ଟାଉନ ହଲ କେମିତି ଶୀଘ୍ର କାମ ଆରମ୍ଭ ହେବ ସେ ବିଷୟରେ ଆଲୋଚନା କଲୁ ପ୍ରତିଶୃତି ଦେଇଛନ୍ତି ଖୁବ ଶୀଘ୍ର କାମ ହେବ ଯଦି କାମ ଆରମ୍ଭ ନ ହୁଏ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ଆଗାମୀ ଦିନରେ ଆନ୍ଦୋଳନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ ହେବ।

ଏଥିରେ ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ, ରବୀନ୍ଦ୍ର ପ୍ରଧାନ, ଉତମ ନନ୍ଦ,ଦେବରାଜ ନାଗ, ସହଦେ୍ୱ ନାଗ, ମୋହନ ଦଳବେହେରା, ତନ୍ମୟ ପୁଟେଲ, ରାଜେଶ ବାଗ ଉପସ୍ଥିତ ରହି ଦାବିପତ୍ର ଦେଇଥିଲେ।

# ୧୨୭ ଜଣ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରାରେ

ପୁରୀ,୧୯/୩ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାରୁ ଆଜି ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି। ଏହି ବରିଷ୍ଠ ନାଗରିକ ମାନେ ଅଯୋଧା ଓ ବାରଣାସୀ ଚଳିତ ମାସ ୧୯ ତାରିଖରେ ପରିଭ୍ରମଣ କରିବା ସହ ଚଳିତ ମାସ ୨୪ ତାରିଖରେ ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ଆଜି ଅପରାହ୍ନରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ। ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରାର ସଫଳତା କାମନା କରିବା ସହ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଯାତ୍ରାରେ ଯାତ୍ରୀ ମାନଙ୍କ ସୁବିଧା ପାଇଁ ୪ ଜଣ ସହାୟକଙ୍କୁ ମଧ ପ୍ରେରଣ କରାଯାଇଛି। ଏହି ଯାତ୍ରୀ ମାନେ ଆଜି ଭୁବନେଶ୍ୱରରେ ରହି ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ।

# ଆଇଆଇଏମ୍ ସମ୍ୱଲପୁର ପକ୍ଷରୁ ଦିଲ୍ଲୀ କ୍ୟାମ୍ପସ୍‌ରେ କାର୍ଯ୍ୟରତ ପ୍ରଫେସରନାଲ୍‌ଙ୍କ ଏମ୍‌ବିଏ (୨୦୨୫-୨୭) ପାଇଁ ଆବେଦନ ଆହ୍ୱାନ

ସମ୍ୱଲପୁର,୧୯/୩ (ନି.ପ୍ର): ଆଇଆଇଏମ୍ ସମ୍ୱଲପୁର ପକ୍ଷରୁ ନୂଆଦିଲ୍ଲୀର ଆଇଏସ୍‌ଆଇଡି ବସନ୍ତକୁଞ୍ଜ ସ୍ଥିତ ଦିଲ୍ଲୀ କ୍ୟାମ୍ପସରେ କାର୍ଯ୍ୟରତ ପ୍ରଫେସନାଲମାନଙ୍କ ପାଇଁ ଦୁଇ ବର୍ଷିଆ ଏମବିଏ ପ୍ରୋଗ୍ରାମ (୨୦୨୫-୨୦୨୭) ପାଇଁ ଆବେଦନ କରିବାର ଚୂଡ଼ାନ୍ତ ତାରିଖ ଘୋଷଣା କରାଯାଇଛି। ଡାଟା ସାଇନ୍ସ, ପ୍ରଡକ୍ଟ ମ୍ୟାନେଜମେଂଟ୍, ଉଦ୍ୟୋଗ, ସ୍ଥାୟୀତ୍ୱ ଏବଂ ବିପଦ ପରିଚାଳନା ଭଳି ପ୍ରମୁଖ ପରିଚାଳନା କ୍ଷେତ୍ରରେ ସେମାନଙ୍କର ଦକ୍ଷତାକୁ ଉନ୍ନତ କରିବାକୁ ଚାହୁଁଥିବା କାର୍ଯ୍ୟରତ ପ୍ରଫେସନାଲମାନଙ୍କ ପାଇଁ ଏହି ଏମବିଏ ପ୍ରୋଗ୍ରାମ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି । ଏକ ମିଶ୍ରିତ ଶିକ୍ଷଣୀୟ ଫର୍ମାଟ ସହିତ ଏହି ପ୍ରୋଗ୍ରାମ ବ୍ୟକ୍ତିଗତ ସପ୍ତାହାନ୍ତ କ୍ଲାସ ଏବଂ ଇଂଟରଆକ୍ଟିଭ୍ ଅନଲାଇନ୍ ଅଧିବେଶନର ମିଶ୍ରଣ ପ୍ରଦାନ କରୁଛି, ଯାହା କାର୍ଯ୍ୟ ଏବଂ ଅଧୟନକୁ ସନ୍ତୁଳନ କରୁଥିବା ପେସାଦାରମାନଙ୍କ ପାଇଁ ନମନୀୟତା ସୁନିଶ୍ଚିତ କରୁଛି। ଆଇଆଇଏମ୍ ସମ୍ୱଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଦିଲ୍ଲୀ କ୍ୟାମ୍ପସରେ ଆମର ସପ୍ତାହାନ୍ତରେ କର୍ମଜୀବୀ ପ୍ରଫେସନାଲମାନଙ୍କ ପାଇଁ ମିଶ୍ରିତ ଏମବିଏର ଉଦ୍ଦେଶ୍ୟ ହେଉଛି ଡାଟା ସାଇନ୍ସ, ପ୍ରଡକ୍ଟ ମ୍ୟାନେଜମେଂଟ, ଉଦ୍ୟୋଗ, ସ୍ଥାୟୀତ୍ୱ ଏବଂ ବିପଦ ପରିଚାଳନାରେ ଉଦ୍ୟୋଗୀ ଏବଂ କର୍ମଜୀବୀ ପ୍ରଫେସନାଲ୍ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ଏବଂ ଡିଜିଟାଲ ଦକ୍ଷତା ପ୍ରଦାନ କରିବା ଏବଂ ସେମାନଙ୍କୁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେବା। ଏହି ବ୍ୟାପକ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଟ୍ରାକ୍, ଏକ ଅନ୍ତର୍ଜାତୀୟ ଅଭିଜ୍ଞତା ଏବଂ ଶ୍ରେଷ୍ଠ ବିଶ୍ୱ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ଡିଗ୍ରୀ ବିକଳ୍ପ ବ୍ୟତୀତ ଆମେରିକାର ରିମ୍ସ ପରି ଏନଏସଇ ଏକାଡେମୀ ସହଯୋଗୀ ମାନଙ୍କଠାରୁ ବିଶ୍ୱସ୍ତରରେ ସ୍ୱୀକୃତ ସାର୍ଟିଫିକେଟ୍ ପ୍ରଦାନ କରୁଛି। ଫ୍ଲିପ୍ଡ କ୍ଲାସରୁମ୍, କେସ୍ ଡିସକସନ୍, ପ୍ରୋଜେକ୍ଟ ୱାର୍କ, ମ୍ୟାନେଜମେଂଟ ସିମୁଲେସନ୍ ଏବଂ ଶିଳ୍ପ ନେତୃତ୍ୱାଧୀନ ଅଧିବେଶନ ଭଳି ଏକ ମିଶ୍ରିତ ଶିକ୍ଷଣ ପଦ୍ଧତି ସହିତ ଏହି କାର୍ଯ୍ୟକ୍ରମ ଇମର୍ସନ କାର୍ଯ୍ୟକ୍ରମ ଏବଂ କ୍ୟାରିୟର ମାର୍ଗଦର୍ଶନ ସହାୟତା ମାଧମରେ ନେତୃତ୍ୱ ବିକଶିତ କରୁଛି ଯାହା ଯାହା କର୍ମଜୀବୀମାନଙ୍କୁ ପରିବର୍ତିତ ବିଶ୍ୱ ବ୍ୟବସାୟ ପରିବେଶ ପରିଚାଳନା ଏବଂ ଆକାର ଦେବାରେ ସକ୍ଷମ କରୁଛି।

# ରାଣିଗୋଡା ନାଇଟ କ୍ରିକେଟ ଟୁର୍ଣ୍ଣାମେଂଟ ପାଇଁ ନିଲାମ

କୋରେଇ,୧୯/୩ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡା ନାଇଟ କ୍ରିକେଟ ଟୁର୍ଣ୍ଣାମେଂଟ (ଆରପିଏଲ)ରାଣିଗୋଡା ପ୍ରିମିୟର ଲିଗ ପାଇଁ ନିଲାମ ଅନୁଷ୍ଠିତ ହୋଇଯାଇଛି । ଏହି ନିଲାମରେ ମୋଟ ୮୦ରୁ ଉର୍ଦ୍ଧ ଖେଳାଳୀ ଭାଗ ନେଇଥିଲେ । ତନ୍ମଧ୍ୟରୁ ମୋଟ ୫୦ ଜଣ ପ୍ରତିଭା ବାନ ଖେଳାଳୀକୁ ନିଲାମରେ କିଣାଯାଇଥିଲା । ସେମାନଙ୍କୁ ୫ଟି ଦଳ ନିଲାମ ଡାକିଥିଲେ । ନିଲାମରେ ସବୁଠୁ ମୂଲ୍ୟବାନ ଖେଳାଳୀ ଭାବେ ଚିନ୍ମୟ ଦାସ, ଦ୍ୱିତୀୟ ସନ୍ତୋଷ ମଲ୍ଲିକ, ତୃତୀୟ ଅବିନାଶ ସାହୁ କ୍ରୟ ହୋଇଥିଲେ । ଏହି ପ୍ରିମିୟର ଲିଗ ଆସନ୍ତା ଏପ୍ରଲ ୧୦ରୁ ୧୨ ତିନିଦିନ ବ୍ୟାପି ରାଣିଗୋଡା ଖେଳ ପଡିଆରେ ଅନୁଷ୍ଠିତ ହେବ । ମୋଟ ୫ଟି ଦଳ ଏହି ଟୁର୍ଣ୍ଣାମେଂଟରେ ଅଂଶ ଗ୍ରହଣ କରିବେ । ସେମାନେ ହେଲେ ମାର୍କେସ ଇଲେଭେନର ମାଲିକ ଶୁଭ୍ରାଂଶୁ ପାତ୍ର, ମୋନଷ୍ଟର ଏକାଦଶ ମାଲିକ ବିଭୂତି ପରିଡା, ପାୱାର ହିଟ୍ସ ମାଲିକ ବିଜୟ ଦାସ, ଏସ.ଏସ ଇଲେଭେନ ଷ୍ଟାର ମାଲିକ ସୁଜିତ ପରିଡା ଏବଂ ମୁନା ୱାରିଅସ ମାଲିକ ସତ୍ୟ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳୀ କ୍ରୟ କରିଥିଲେ । ନିଲାମର ମୁଖ୍ୟ ପରିଚାଳନା ଦାୟିତ୍ୱରେ ବିଶ୍ୱନାଥ ପଣ୍ଡା, ସଂଜୟ ଜେନା, ଦୁର୍ଗା ପ୍ରସାଦ ପଣ୍ଡା, ଜ୍ଞାନ ରଂଜନ ପଣ୍ଡା, ଚଗୁଲୁ ଜେନା ଓ ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଆଜିଠୁ ଜାତୀୟ ସ୍ତରୀୟ ହୀରାଖଣ୍ଡ ନାଟ୍ୟ ମହୋତ୍ସବ

ସମ୍ୱଲପୁର,୧୯/୩ (ନି.ପ୍ର): ସମ୍ୱଲପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଅଦୃଶ୍ୟ ନାଟ୍ୟ ଆଶ୍ରମ' ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆଗାମୀ ମାର୍ଚ୍ଚ ୨୦ ତାରିଖରୁ ୨୩ ତାରିଖ ୩ ଦିନ ବ୍ୟାପୀ ଜାତୀୟ ସ୍ତରୀୟ ହୀରାଖଣ୍ଡ ନାଟ୍ୟ ମହୋତ୍ସବର ପ୍ରସ୍ତୁତି, କାର୍ଯ୍ୟକ୍ରମ ସାରଣୀ ଏବଂ ସମୟ, ନାଟ୍ୟାନୁଷ୍ଠାନ ମାନଙ୍କ ବିବରଣୀ, ଅତିଥିମାନଙ୍କ ବିବରଣୀ ବିଷୟରେ ବିସ୍ତୃତ ଭାବରେ ସୂଚନା ଦିଆଯାଇଥିଲା। ଏହି ନାଟ୍ୟ ମହୋତ୍ସବ ସମ୍ୱଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗ ସହିତ ଅନୁବନ୍ଧିତ ହୋଇ ଅନୁଷ୍ଠିତ ହେଉଥିବା ବେଳେ ସମ୍ୱଲପୁରୀ ନାଟକର ପ୍ରଚାର ପ୍ରସାର ଦିଗରେ ପାଞ୍ଚଟି ନାଟକ ମଧରୁ ତିନୋଟି ନାଟକ ସମ୍ୱଲପୁରୀ ଭାଷାରେ ହେଉଥିବା ବେଳେ ଗୋଟିଏ ହିନ୍ଦୀ ଏବଂ ଗୋଟିଏ ଓଡିଆ ନାଟକ ପ୍ରଦର୍ଶୀତ ହେବ। ପଂଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବରେ ବର୍ଷିଆନ୍ କଳାକାର ତଥା କବି ମନୋରଞ୍ଜନ ସାହୁଙ୍କୁ ସମ୍ମାନଜନକ 'ହୀରାଖଣ୍ଡ ନାଟ୍ୟ ସମ୍ମାନ'ରେ ସମ୍ମାନିତ କରାଯିବା ପାଇଁ ସ୍ଥିର ହୋଇଛି। ପ୍ରଥମ ଦିବସ ସନ୍ଧ୍ୟାରେ ସଞ୍ଜୟ ପାଢ଼ୀଙ୍କ ରଚିତ ଓ ସଞ୍ଜୟ ବେହେରାଙ୍କ ନିର୍ଦ୍ଦେଶନାରେ ସମର୍ପଣ ନାଟ୍ୟ ଅନୁଷ୍ଠାନର ନାଟକ 'ଅହ୍', ଦ୍ୱିତୀୟ ସନ୍ଧ୍ୟା ରେ ଅତିଶ କୁମାର ଶତପଥିଙ୍କ ରଚନା ନିର୍ଦ୍ଦେଶନାରେ ଅଦୃଶ୍ୟ ନାଟ୍ୟ ଆଶ୍ରମର ନାଟକ 'ଭାବ୍ ନୁ ଅଭାବ୍', ତୃତୀୟ ସନ୍ଧ୍ୟାରେ ଅଶୋକ ବହିଦାରଙ୍କ ରଚନା ଓ ନିର୍ଦ୍ଦେଶନାରେ ଅବର୍ଣ୍ଣର୍ ଗୁଁଡ଼ା ନାଟ୍ୟ ସଂସଦର ନାଟକ 'ତୋର୍ ପାର୍ କେ ମୋର୍ ପାହା', ଚତୁର୍ଥ ତଥା ଶେଷ ସନ୍ଧ୍ୟାରେ ଦୁଇଟି ନାଟକ ଯଥାକ୍ରମେ ଡଃ. ନୃପରାଜ ସାହୁଙ୍କ ରଚିତ ଓ ନିଳାମ୍ବର ମାଣିକପୁରିଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶନ କଳା ବିଭାଗ, ସମ୍ୱଲପୁର ବିଶ୍ୱବିଦ୍ୟାଳୟର ନାଟକ 'ପ୍ରିତି ଲଗ୍ନା' ଏବଂ ସୁରେନ୍ଦ୍ର ବର୍ମାଙ୍କ ରଚିତ ଓ ପ୍ରିତି ସାଗରଙ୍କ ନିର୍ଦ୍ଦେଶନାରେ ସାଇ ଡ୍ରାମାଟିକ୍ସ, ଝାଡ଼ଖଣ୍ଡ ର ନାଟକ 'ସୂର୍ଯ୍ୟ କି ଅନ୍ତିମ୍ କିରନ୍, ସେ ସୂର୍ଯ୍ୟ କି ପେହେଲି କିରନ୍ ତକ୍' ପ୍ରଦର୍ଶିତ ହେବ।

# ଶିଶୁ ବିକାଶ ଯୋଜନାର ବିକଳ ଚିତ୍ର : ଅଧପନ୍ତରିଆ ଅଙ୍ଗନୱାଡି ଗୃହକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ,୧୯/୩ (ନି.ପ୍ର): ସରକାରୀ ଅନୁଦାନର ଦୀର୍ଘ ଛଅ ବର୍ଷ ବିତି ଯାଇଥିଲେ ମଧ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି ଅଙ୍ଗନୱାଡି ଗୃହ। ଫଳରେ ମେଟାଲିଙ୍ଗ କଂକ୍ରିଟ ଉପରେ ସପ ପକାଇ ବସି ପାଠ ପଢୁଛନ୍ତି କୋମଳମତି ଶିଶୁ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ନହବେଡା ପଂଚାୟତର କାଞ୍ଜିପାଣି ଅଙ୍ଗନୱାଡି କେନ୍ଦ୍ରରେ । ଶିଶୁ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଥିବା ବେଳେ ପ୍ରକୃତ ପକ୍ଷେ ଏହି ଯୋଜନାର ଏକ ବିକଳ ଚିତ୍ର ଏହି ଅଙ୍ଗନୱାଡିକୁ ଦେଖିଲେ ସ୍ପଷ୍ଟ ବାରି ହୋଇ ପଡୁଛି। କୋମଳମୋତି ଶିଶୁଙ୍କୁ ଉପଯୁକ୍ତ ପରିବେଶରେ ଖାଦ୍ୟ, ସ୍ୱାସ୍ଥ୍ୟ ସହ ପ୍ରାକ ଶିକ୍ଷା ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡି। କିନ୍ତୁ, ଏଠି ବର୍ଷ ବର୍ଷ ଧରି ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାଦାନ ଚାଲୁଥିବା ବେଳେ ସ୍ଥାନୀୟ ପ୍ରଶାସନ ମହିଳା ଓ ଶିଶୁ ମାନଙ୍କୁ ଜାଣି ଜାଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଖବର ଅନୁସାରେ, ଏହି କାଞ୍ଜିପାଣି ଅଙ୍ଗନୱାଡ଼ି କେନ୍ଦ୍ରର ଏକ ନୂତନ ଗୃହ ନିର୍ମାଣ ପାଇଁ ପୂର୍ବତନ ସରକାର ପାଂଚ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରି ଥିଲେ। ମାତ୍ର ଏହା ଭିତରେ ଦୀର୍ଘ ଛଅ ବର୍ଷ ବିତି ଯାଇଥିଲେ ମଧ ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡି ରହିଛି। ସେହି ଅଧପନ୍ତରିଆ ଗୃହର ମେଟାଲ କଂକ୍ରିଟ ଉପରେ କୋମଳମତି ଶିଶୁ ମାନେ ସପ ପକାଇ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଗୃହର କବାଟ, ଝରକା ସହିତ ଅଙ୍ଗନୱାଡି ପାଇଖାନା କାର୍ଯ୍ୟ ମଧ ସରି ନ ଥିବାରୁ କୁନି କୁନି ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବର୍ଷ ବର୍ଷ ଧରି ଗୃହ ନିର୍ମାଣ କାର୍ଯ୍ୟ ସରୁ ନ ଥିଲେ ମଧ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆ ଯାଉ ନ ଥିବାରୁ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏଥିପ୍ରତି ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# ବାରୋ ଶିଶୁ ଅନନ୍ତ ଆଶ୍ରମରେ ବିଶାଳ ଆଧାତ୍ମିକ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୯/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅର୍ନ୍ତଗତ ବାରୁଅସ୍ଥିତ ଶ୍ରୀ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଆସନ୍ତା ଗୁରୁବାର ଅପରାହ୍ନ ୫ଟାରେ ଆଶ୍ରମର ଭକ୍ତବୃନ୍ଦ, ଆଂଚଳିକ ସଜ୍ଜନ ବୃନ୍ଦ ଏବଂ ଅରିଲୋର ଅନନ୍ତ ବଳିଆ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପରିବେଶ, ଗଣତନ୍ତ୍ର ଏବଂ ଧର୍ମ ସମ୍ପର୍କିତ ଏକ ବିଶାଳ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ। ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦେବାକୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଶିଶୁ ଅନନ୍ତ ଆଶ୍ରମର ଭକ୍ତମାନେ ଅନୁରୋଧ କରିଛନ୍ତି। ଏହି ଅବସରରେ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଭଜନ, ନୃତ୍ୟ, ସଂକୀର୍ତନ ଏବଂ ଆଧାତ୍ମିକ ଆଲୋଚନା କରାଯିବ।

# ୧୪୯ ବର୍ଷରେ ପଂହଚିଲା ଧର୍ମଶାଳାର ମୁନସୀ ମେଳଣ : ପୁଲିସ ଯେଉଁଠି ପରମ୍ପରାର ରକ୍ଷକ

ଧର୍ମଶାଳା,୧୯/୩ (ନି.ପ୍ର): ବ୍ରିଟିଶ ଶାସନ କାଳରେ ଭାରତୀୟମାନଙ୍କୁ ବହୁ ଅତ୍ୟାଚାରର ଶୀକାର ହେବାକୁ ପଡିଥିଲା । ଭାରତୀୟମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ ବ୍ରିଟିଶମାନେ । ଭାରତୀୟ ପରମ୍ପରା ପ୍ରତି ପ୍ରବଳ ଘୃଣାଭାବ ଥିଲା । ଏହା କିଛି ନୂଆ କଥା ନୁହେଁ । ସମସ୍ତେ ସମାନ ନ ଥିଲେ । ସେମାନଙ୍କ ମଧରୁ କିଛି ଭାରତୀୟ ପରମ୍ପରାକୁ ଗଭୀର ଭାବେ ଭଲ ପାଉଥିଲେ । ମାତ୍ର ଏମିତି ବି ପରମ୍ପରା ଅଛି ଯେଉଁଠି ବ୍ରିଟିଶ ପୁଲିସର ଭାରତୀୟ ପ୍ରୀତିର ଝଲକ ଦେଖିବାକୁ ମିଳିଥିଲା । ଯାଜପୁର ଧର୍ମଶାଳା ମୁନସୀ ମେଳଣରେ ଏହାର ନିଦର୍ଶନ ଦେଖିବାକୁ ମିଳିଥାଏ । ଏହି ମେଳଣ ଆଜି ବି କହୁଛି ସେଦିନର କଥା । ସର୍ବଦା ଶାନ୍ତି ଶୃଙ୍ଖଳାର ରକ୍ଷକ ସାଜୁଥିବା ପୁଲିସ ଏଠି ପରମ୍ପରରା ରକ୍ଷକ ସାଜିଛି । କେବଳ ଚୋର, ଡକାୟତ, ଗୁଣ୍ଡା ବଦମାସଙ୍କ ସହିତ ପୁଲିସର କାମ ନାହିଁ ବୋଲି ବୁଝାଇ ଦେଇଥିଲା ବ୍ରିଟିଶ ପୁଲିସ । ଆରମ୍ଭ କରି ଦେଇଥିଲା ଓଡିଆଙ୍କ ପ୍ରିୟ ଦୋଳ ମେଳଣ । ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପୂଜାରୀ ହେଉଛନ୍ତି ଧର୍ମଶାଳାବାସୀ । କେବେ ବି ଭୁଲି ନାହାନ୍ତି ଅତୀତର ଐତିହ୍ୟ ଓ ପରମ୍ପରାକୁ । ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ ଦୋଳ ପର୍ବ ଏକ ସାର୍ବଜନୀନ ପର୍ବ ଭାବେ ପାଳନ କରାଯାଇଥାଏ । ଏ ଅଂଚଳ ଦୋଳ ପର୍ବ କହିଲେ ମୁଖ୍ୟତଃ ମୁନସୀ ମେଳଣକୁ ହିଁ ବୁଝାଏ ।

ଚଳିତ ବର୍ଷ ଏହି ମୁନସୀ ମେଳଣକୁ ପୁରିଛି ୧୪୯ ବର୍ଷ । ଆଜକୁ ୧୪୯ ବର୍ଷ ତଳେ ଧର୍ମଶାଳା ଥାନାରେ ଥିବା ମୁନସୀ ବାବୁ ଦୟାନିଧି ମଲିକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏହି ମେଳଣ । ସେହି ବ୍ରିଟିଶ କାଳରୁ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଛି ଏହି ମୁନସୀ ମେଳଣ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଧର୍ମଶାଳା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ମେଳଣର ସର୍ବେସର୍ବା ତଥା ମୁଖ୍ୟ ପୁରୋଧା ଭାବେ ବିବେଚନା କରାଯାଏ । ଯାହାକି ଏହି ପରମ୍ପରା ୧୪୯ ବର୍ଷ ବୟସରେ ପାଦ ଥାପିଛି । ଗତକାଲି ଠାରୁ ଧର୍ମଶାଳା ମେଳଣ ପଡିଆରେ ବାରି ହୋଇ ପଡୁଛି ହସଖୁସିର ସମ୍ପର୍କ । ଉତ୍ସବ ମୁଖର ହୋଇ ପଡିଛି ଧର୍ମଶାଳା । ଏହି ଦିନରେ ଲୋକେ ପୁଲିସ ବାବୁ ପଣିଆକୁ ଭୁଲି ଯାଆନ୍ତି । ପୁଲିସ ମଧ ନିଜର କଟକଣାକୁ ଭୁଲିଯାଇଥାଏ । ସ୍ଥାନୀୟ ଅଂଚଳର ଛୋଟବଡ ବିମାନଙ୍କୁ ଏଠାକୁ ଫଗୁ ଖେଳିବାକୁ ନିମନ୍ତ୍ରଣ କରାଯାଏ । ଚଳିତ ବର୍ଷ ୩୦ରୁ ଉର୍ଦ୍ଧ ବିମାନ ଯୋଗ ଦେଇ ଫଗୁ ଖେଳିଛନ୍ତି । ବିମାନ ନିକଟରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏବଂ ସ୍ଥାନୀୟ ଅଂଚଳର ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ବିଭିନ୍ନ କିସମର ଦୋକାନ ସାଙ୍ଗକୁ ମୀନାବଜାର ଷ୍ଟଲରେ ଲୋକଙ୍କ ନାହିଁ ନ ଥିବା ଭିଡ । ଶେଷରେ ବିମାନଙ୍କ ନିକଟରେ ଭୋଗ ଲାଗି କରାଯିବା ପରେ ଠାକୁରଙ୍କୁ ବିଦାୟ ଦିଆଯାଇଥିଲା । ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହିତ ମୁନସୀ ମେଳଣ ସମାପନ ହୋଇଛି । ତେବେ ଅପେକ୍ଷା ଆର ବର୍ଷକୁ ।

# ଶ୍ରୀ ଜଗନ୍ନାଥ ମହୋତ୍ସବ ପାଇଁ ମେରୁସ୍ତମ୍ଭ ଯାତ୍ରା ଜଗନ୍ନାଥଙ୍କ ଆଦିପୀଠ ପାତାଳୀ ଶ୍ରୀକ୍ଷେତ୍ରରୁ ଆରମ୍ଭ

ସୁବର୍ଣ୍ଣପୁର,୧୯/୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧୯ ରୁ ୨୫ ପର୍ଯ୍ୟନ୍ତ ସୋନପୁର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱର ପୀଠ ରେ ହେବାକୁ ଥିବା ଶ୍ରୀ ଜଗନ୍ନାଥ ମହୋତ୍ସବ ପାଇଁ ଆଜି ମେରୁସ୍ତମ୍ଭ ଯାତ୍ରା ଜଗନ୍ନାଥଙ୍କ ଆଦି ପୀଠ ପାତାଳୀ ଶ୍ରୀକ୍ଷେତ୍ର ରୁ ଆଜି ଆରମ୍ଭ ହୋଇଯାଇଛି। ଆଜି ଶ୍ରୀ ଜଗନ୍ନାଥ ମହୋତ୍ସବ କମିଟିର ପଦ୍ମ ଲୋଚନ ମିଶ୍ର ଓ ପ୍ରଦ୍ୟୁମ୍ନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆଜି ସୂର୍ଯ୍ୟ ପୂଜା ପରେ ପ୍ରଥମେ ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲାଇ ର ବଡେଇ ସେବାୟତ ବୀରମିତ୍ର ପଧାନ, ସୁରେଶ ମେଶ୍ରିଲି, ଫଗୁନୁ ପଧାନ ଆଗରୁ ରୀତିମତେ ବରଣ କରାଯାଇଥିବା ଗଛରୁ ଦାରୁଙ୍କୁ ପାତାଳୀ ଶ୍ରୀକ୍ଷେତ୍ର ଶ୍ରୀଜୀଉଙ୍କ ପାଖକୁ ଆଣିଥିଲେ। ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ଠାରେ ପୂଜାର୍ଚ୍ଚନା ପରେ ପୂଜକ ଗୁନାକର ପଣ୍ଡା ଠାକୁରଙ୍କ ଆଜ୍ଞାମାଳ ଆଣିଥିଲେ। କୋଟସମଲାଇ ର ଭକ୍ତ ମାନେ ଖୋଲ ତାଳ ଘଂଟ ଶଙ୍ଖର ନିନାଦରେ ଦାରୁଙ୍କୁ ଛଳିଆ କନ୍ଦର ଗାଁ କୁ ପାଛୋଟି ନେଇଥିଲେ। କୋଟସମଲାଇ, ଜାଲୋଏ, ହିଙ୍ଗମା ଆଦି ଗାଁ ଦେଇ ରଥ ଆଜି ଧର୍ମଶାଳା ପହଂଚିଥିଲା। ପ୍ରତ୍ୟେକ ଗାଁ ରେ ଭକ୍ତ ନର ନାରୀ ଆଜି କଦଳୀ ଖମ୍ବ, କଳସ ଆଦି ବସେଇ ଫୁଲ ତୁଳସୀ ଦେଇ ଦାରୁଙ୍କୁ ପୂଜାର୍ଚ୍ଚନା କରି ସ୍ୱାଗତ କରିଥିଲେ। ପ୍ରତ୍ୟେକ ଦେବାଦେବୀ ପୀଠ ରେ ଆଳତୀ ସହ ମହାମେରୁଙ୍କୁ ସ୍ୱାଗତ କରାଯାଇଥିଲା। ହରିବୋଲ ହୁଳହୁଳିରେ ପ୍ରତ୍ୟେକ ଗାଁ ଦାଣ୍ଡ ପ୍ରକଂପିତ ହୋଇଥିଲା। ଆଜିର ସଫଳ ଯାତ୍ରା ପାଇଁ କମିଟି ସଭାପତି ଗଦାଧର ବାରିକ ସମସ୍ତଙ୍କୁ ସାଧୁବାଦ୍ ଦେଇଛନ୍ତି। ମହୋତ୍ସବ ସରିବା ପର୍ଯ୍ୟନ୍ତ ସହଯୋଗ ର ହାତ ବଢ଼େଇବା ପାଇଁ କମିଟି ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର ସମସ୍ତ ଭକ୍ତ ଙ୍କ ଠାରେ ଆଶା ବାଢ଼ିଛନ୍ତି। ସୂଚନାଯୋଗ୍ୟ ଯେ କାଲି ସକାଳୁ ଧର୍ମାଶାଳ ରୁ ମେରୁ ସ୍ତମ୍ଭ ରଥ ସୋନପୁର ରାମେଶ୍ୱର ପୀଠ ଅଭିମୁଖେ ବାହାରିବ। ଆଜି ଯାତ୍ରା ରେ ବିଭିନ୍ନ ଦାୟିତ୍ୱ ରେ ପାତାଳୀ ସେନା ସହ ପାତାଳୀ ଶ୍ରୀକ୍ଷେତ୍ର ର ବିଭିନ୍ନ ବର୍ଗର ସେବାୟତ ଜାନକୀରାମ ଦେହେରୀ, ଭବାନୀ ଶଙ୍କର ପଣ୍ଡା, ଭିକାରୀ ସେଠୀ, ନଳିନୀ କାନ୍ତ ବାଘ, ହର କର୍ମୀ, ସୁରେଶ ଅମାତ, ଗୋପାଲ କ୍ଷେତୀ, ଅଭିଷେକ ପାତ୍ର, ତାପସ ବସ୍ତିଆ, ପରେଶ୍ ବାଘ, ରାମ ଗୋପାଲ ସେଠୀ ଆଦି ଉପସ୍ଥିତ ଥିଲେ।

# ଅର୍ବାନ ସମବାୟ ବ୍ୟାଙ୍କର ୮୧ ତମ ସଧାରଣ ପରିଷଦ ବୈଠକ

ଜୟପୁର,୧୯/୩ (ନି.ପ୍ର): ଜୟପୁର ଅର୍ବାନ ସମବାୟ ବ୍ୟାଙ୍କର ୮୧ ତମ ସଧାରଣ ପରିଷଦ ବୈଠକ ବ୍ୟାଙ୍କ ପରିସରରେ ଥିବା ସଭାଗୃହରେ ବ୍ୟାଙ୍କର ସଭାପତି ସୁକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସର୍ବସନ୍ମତି କ୍ରମେ ଦିର୍ଘଦିନର ବକେୟା ଋଣ ଗୁଡ଼ିକ ଏକ କାଳୀନ ବନ୍ଦବସ୍ତ ମଧମରେ ଋଣ ସମାପ୍ତ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ସହ ବ୍ୟାଙ୍କର ଚିହ୍ନରେ ବ୍ୟାଙ୍କର ନାମ ଲେଖା ଇଂରାଜୀ ରେ ରୋହିଥିବା ହେତୁ ଏହାକୁ ଓଡ଼ିଆରେ ଲେଖିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ସଭାରେ ବ୍ୟାଙ୍କର ବିଗତ ଦିନର ପ୍ରସ୍ତାବ ଗୁଡ଼ିକୁ ବିଚାର ସହ ସଭାପତଙ୍କ ଅଭିଭାଷଣ, ଆୟ ବ୍ୟୟ ର ସମୀକ୍ଷା, ଆଗାମୀ କାର୍ଯ୍ୟପନ୍ଥା, ଆଗାମୀ ବୋଜେଟ ସମ୍ୱନ୍ଧେ ଆଲଚୋନା ହୋଇଥିଲା। ସଭାରେ ସମ୍ପାଦିକା ଶ୍ରୀମତୀ ବିଜୟା, ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନୀପତି, ରମାକାନ୍ତ ରାଉଳ, ଅମର ଆହୁଜା, ଆର ପଦ୍ମା ପ୍ରମୁଖଙ୍କ ସହ ଅନ୍ୟ ନିର୍ଦ୍ଦେଶକ ଏବଂ ସଭ୍ୟ ମାନେ ମାନେ ଉପସ୍ଥିତ ଥିଲେ।

# ଲାବଣ୍ୟ ନାଟ୍ୟ ସମ୍ମାନ ୨୦୨୫ରେ ନାଟ୍ୟଶ୍ରୀ ମାନସ ରଂଜନ ମିଶ୍ର ସମ୍ମାନିତ

ସମ୍ୱଲପୁର,୧୯/୩ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଭଞ୍ଜ କଳା ମଣ୍ଡପ ଠାରେ ଲାବଣ୍ୟ ଥିଏଟର, ଭବନେଶ୍ୱର ତରଫରୁ ଲାବଣ୍ୟ ନାଟ୍ୟ ମହୋତ୍ସବ ଆୟୋଜନ ହୋଇଯାଇଛ। ଉଦଘାଟନୀ ସଂଧ୍ୟାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶ୍ରୀଧର ମଲ୍ଲିକ ମୁଖ୍ୟ ଅତିଥି ଏବଂ ଅନୁଷ୍ଠାନର ସଭାପତି ନାରାୟଣ ସାହୁ ଓ ସଂପାଦକ ସତ୍ୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ନିରବଚ୍ଛିନ୍ନ ଓ ବିଶେଷ ଅବଦାନ ପାଇଁ ଓଡିଶାର ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଲାବଣ୍ୟ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧରୁ ସମ୍ୱଲପୁର ଜିଲ୍ଲାରୁ ମାନସ ରଞ୍ଜନ ମିଶ୍ରଙ୍କୁ ସାମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ ଶ୍ରୀମିଶ୍ର ଗତ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନାଟ୍ୟକର୍ମ ସହ ଜଡିତ ଅଛନ୍ତି ଏବଂ ସ୍ୱର ସଂସ୍ଥା ମାଧମରେ ପ୍ରତିବର୍ଷ ନୂତନ ନାଟକ ପରିବେଷଣ ପୁର୍ବକ ସମ୍ୱଲପୁରୀ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ଚେଷ୍ଟିତ ଅଛନ୍ତି।

**ଧାରାବାହିକ:** ଭାଗ-୪୫

# ସଂକ୍ଷିପ୍ତ ଭାଗବତ କଥାମୃତ



## ଡା । ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୩ୟ ଅଧ୍ୟାୟ**

**॥ ମହର୍ଷି ଚ୍ୟବନ ଓ ସୁକନ୍ୟା ଉପାଖ୍ୟାନ ॥**

ମନୁଙ୍କର ପୌତ୍ରୀ ଅତ୍ୟନ୍ତ ରୂପବତୀ ସୁକନ୍ୟା ଦିନେ ପିତାଙ୍କ ସହ ଭ୍ରମଣରେ ଯାଇ ମହର୍ଷି ଚ୍ୟବନଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଚ୍ୟବନ ସେତେବେଳକୁ ଦୀର୍ଘ ସମୟ ନିଶ୍ଚଳ ତପଃସାଧନରେ ବସିଥିବାରୁ ତାଙ୍କ ଉପରେ ଉଇହୁଙ୍କା ପାଲଟି ଯାଇଥାଏ । ସୁକନ୍ୟା ସେଠାରେ ନିଜ ସହଚରୀମାନଙ୍କ ସହ ପୁଷ୍ପ ତୋଳିବା ସହ କ୍ରୀଡା କରୁଥିବା ସମୟରେ ଉଇହୁଙ୍କା ମଧ୍ୟରୁ ଚ୍ୟବନ ଋଷିଙ୍କ ଦୁଇ ଜ୍ୟୋତିର୍ମୟ ଆଖିକୁ ଦେଖି କୌତୂହଳ ବଶତଃ କଣ୍ଟକ ସାହାଯ୍ୟରେ ତାକୁ ବିଦ୍ଧକରିବା ଫଳରେ ସେଥିରୁ ରୁଧିର ଶ୍ରାବ ହେବାକୁ ଲାଗିଲା । ଏହି ସମୟରେ ରାଜାଙ୍କ ସମେତ ସମସ୍ତ ଅନୁଚରଙ୍କ ମଳମୂତ୍ର ବନ୍ଦ ହୋଇଯିବାରୁ ରାଜା ଯନ୍ତ୍ରଣାରେ ଏହାର କାରଣ ଜାଣିବାକୁ ଚେଷ୍ଟା କରି ଜାଣିଲେ ଭୁଲ ବଶତଃ ନିଜ କନ୍ୟାର ଏହି ଅପକର୍ମର ଫଳ । ସେ ଯାଇ ଉଇହୁଙ୍କା ମଧ୍ୟରୁ ମହର୍ଷି ଚ୍ୟବନଙ୍କୁ ଆବିଷ୍କାର କଲେ, ସେତେବେଳକୁ ତାଙ୍କ ଚକ୍ଷୁରୁ ରୁଧିରପାତ ହେଉଥିଲେ ହେଁ ମୁନି ଅବିଚଳିତ ଭାବେ ତପଃ କରୁଥାନ୍ତି । ଯଥା ସମୟରେ ତାଙ୍କ ତପଃ ଭାଙ୍ଗିବାରୁ ରାଜା ସମେତ ସମସ୍ତେ ତାଙ୍କର ଚରଣ ବନ୍ଦନା କରି ଅପରାଧ ନିମନ୍ତେ କ୍ଷମା ନିବେଦନ କଲେ ଓ ନିଜର ସେହି କନ୍ୟାକୁ ମଣିଙ୍କୁ ପ୍ରଦାନ କରିବେ ବୋଲି ଅଙ୍ଗୀକାର କଲେ । ମୁନିଙ୍କର ଅନୁଗ୍ରହରୁ ସମସ୍ତଙ୍କ ମଳମୂତ୍ର ଦ୍ୱାର ପୁନର୍ବାର କାର୍ଯ୍ୟକ୍ଷମ ହେଲା । ରାଜା ମୁନିକୁ କନ୍ୟାଦାନ କରି ସ୍ୱପୁରକୁ ପ୍ରତ୍ୟାବର୍ତ୍ତନ କଲେ । ସୁକନ୍ୟା ମନରେ କୌଣସି ବିକାର ନ ରଖି ସ୍ୱାମୀ ସେବାରେ ନିୟୋଜିତ ହେଲେ । ଦିନେ ଅଶ୍ୱିନି କୁମାର ଦ୍ୱୟ ମୁନିଙ୍କ ଆଶ୍ରମରେ ପହଞ୍ଚି ମୁନିଙ୍କୁ ରୁପ ଓ ଯୌବନ ପ୍ରଦାନ କଲେ ବିନିମୟରେ ମୁନି ସେମାନଙ୍କୁ ଅନ୍ୟ ଦେବତାଙ୍କ ସହ ଯଜ୍ଞଭାଗ ମିଳିବାର ପ୍ରତିଶୃତି ଦେଲେ । କିଛିକାଳ ପରେ ଦିନେ ସୁକନ୍ୟାଙ୍କ ପିତା ଶିର୍ଯ୍ୟତି ନିଜର ଏକ ଯଜ୍ଞର ଭାଗ ନେବାକୁ ଜ୍ୱାଇଁ ଚ୍ୟବନଙ୍କୁ ନିମନ୍ତଣ କରିବାକୁ ଯାଇ ଦେଖିଲେ ନିଜ କନ୍ୟା ଜଣେ ପରମ ରୁପବାନ ଯୁବକର ସେବା କରୁଛି ଫଳରେ ନିଜ କନ୍ୟାର ସତୀତ୍ୱ ଉପରେ ସନ୍ଦେହ କଲେ । ଏପରିକି କନ୍ୟା ପ୍ରଣାମ କଲେ ମଧ ତାକୁ କୌଣସି ଆଶୀର୍ବାଦ ନ ଦେଇ ଭର୍ତ୍ସନା କଲେ ତା କାରଣରୁ ଉଭୟ ପିତୃକୁଳ ଓ ସ୍ୱାମୀକୁଳ ନଷ୍ଟ ହୋଇଯାଇଛି । ସୁକନ୍ୟା ମୃଦୁହସି କହିଲେ, ହେ ପିତୃଦେବ ଇଏ ଆପଣଙ୍କ ଜାମାତା ଚ୍ୟବନ । ତପଃ ପ୍ରଭାବରେ ସେ ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାରଙ୍କଠାରୁ ନବେଯୌବନ ପ୍ରାପ୍ତ ହୋଇଛନ୍ତି । ତାହା ଶୁଣି ରାଜା ଆନନ୍ଦିତ ହେବା ସହ କନ୍ୟାକୁ ଆଲିଙ୍ଗନ କଲେ ଓ ତାର ସୌଭାଗ୍ୟକୁ ପ୍ରଶଂସା କଲେ । ଏହାପରେ ଦିନେ ଯଜ୍ଞରେ ଚ୍ୟବନ ଅଶ୍ୱିନୀକୁମାର ଦ୍ୱୟଙ୍କୁ ସୋମରସ ଓ ଯଜ୍ଞଭାଗ ଅର୍ପଣ କରିବାରୁ ଇନ୍ଦ୍ର କୁପିତ ହୋଇ ଚ୍ୟବନଙ୍କୁ ମାରିବାକୁ ବଜ୍ର ଉଠାଇବାରୁ ଯୋଗବଳରେ ଋଷି ତାହା ଜାଣିପାରି ଇନ୍ଦ୍ରଙ୍କ ବଜ୍ର ସହ ହସ୍ତକୁ ସ୍ତମ୍ଭନ କରିଦେବାରୁ ଇନ୍ଦ୍ର ବାଧ ହୋଇ ଋଷିଙ୍କ ଶରଣ ଗଲେ । ଚ୍ୟବନ ତାଙ୍କୁ କ୍ଷମା କରିବା ସହିତ ବୁଝାଇଦେଲେ ଯେ ଅଶ୍ୱିନୀକୁମାର ଦ୍ୱୟ ଚିକିତ୍ସକ ହୋଇଥିବା କାରଣରୁ ତାଙ୍କୁ ଯଜ୍ଞଭାଗରୁ ବଞ୍ଚିତ କରିବା ଅନୁଚିତ । ଯଜମାନର ବ୍ୟାଧିନାଶ ନିମିତ୍ତ ଏଣିକି ତାଙ୍କୁ ଯଜ୍ଞଭାଗ ପ୍ରଦାନ କରିବାକୁ ହେବ । ଏହି ଯଜ୍ଞ ଫଳରେ ରାଜା ଶିର୍ଯ୍ୟତିଙ୍କର ତିନିପୁତ୍ର ପରମ ବିଷ୍ଣୁଭକ୍ତ ରେବତ ଜନ୍ମ ନେଲେ । ସେ ସମୁଦ୍ର ମଧ୍ୟସ୍ଥ କୁଶସ୍ଥଳୀ ନାମକ ରାଜ୍ୟ ସ୍ଥାପନ କରି ପ୍ରଜାପାଳନ କଲେ । ତାଙ୍କର କନ୍ୟା ରେବତୀକୁ ବିବାହ ଦେବାକୁ ଉପଯୁକ୍ତ ବରପାତ୍ର ସନ୍ଧାନରେ ବ୍ରହ୍ମଲୋକକୁ ଯାଇ ସେଠାରେ ନୃତ୍ୟଗୀତ ଚାଲୁଥିବାରୁ କିଛିକାଳ ରହି ନୃତ୍ୟ ଶେଷରେ ନିଜର ଅଭିଳାଷ ବ୍ରହ୍ମାଙ୍କୁ କହିଲେ । ସେତେବେଳକୁ ବହୁ ଯୁଗ ଚାଲି ଯାଇଥିବା କାରଣରୁ ସେ ଭାବିଥିବା କୌଣସି ବରପାତ୍ର ଆଉ ସଂସାରରେ ନଥିବାରୁ ଏବେ ଯାଇ ବିଷ୍ଣୁଅଂଶୀ ବଳରାମ ରୂପୀ ଅନନ୍ତଦେବଙ୍କୁ କନ୍ୟାଦାନ କରନ୍ତୁ ବୋଲି ବ୍ରହ୍ମା କହିଲେ । ରାଜା ନିଜର କନ୍ୟାକୁ ପରମ ବଳଶାଳୀ ବଳରାମଙ୍କୁ ବ୍ରହ୍ମା ନିର୍ଦ୍ଦେଶରେ ପ୍ରଦାନ କଲେ ।

**୪ର୍ଥ ଅଧ୍ୟାୟ**

**॥ ଅମ୍ବରୀଷ ଉପାଖ୍ୟାନ ॥**

ନଭଗର ଗୋଟାଏ ପୁତ୍ରର ନାମ ନାଭାଗ ଯିଏକି ବହୁକାଳ ପର୍ଯ୍ୟନ୍ତ ଗୁରୁଆଶ୍ରମରେ ବ୍ରହ୍ମଚାରୀ ଜୀବନ ବିତାଇଥିଲେ ସେ ଘରକୁ ଆସିବେନି ଭାବି ଅନ୍ୟ ଭାଇମାନେ ସମସ୍ତ ପୈତୃକ ସମ୍ପତ୍ତିକୁ ବାଣ୍ଟିନେଲେ । ନାଭାଗ ଗୁରୁଗୃହରୁ ଫେରିବା ପରେ ଭାଇମାନେ କହିଲେ ସମସ୍ତ ସମ୍ପତ୍ତି ଆମେ ବାଣ୍ଟି ନେଉସାରିଛୁ ଏଣୁ ତୁମ ଭାଗରେ ଏହି ପଡିଲେ କହି ପିତାଙ୍କୁ ଦେଖାଇ ଦେଲେ । ନାଭାଗ ଏହା ପିତାଙ୍କୁ କହିବାରୁ ସେ କହିଲେ ମୁଁ ତ ବାଣ୍ଟର ସାମଗ୍ରୀ ନୁହେଁ, ସେମାନେ ତୁମକୁ ପ୍ରତାରଣା କରିଛନ୍ତି । ମୁଁ ତୁମକୁ ସମ୍ପତ୍ତି ଉପାର୍ଜନର ପନ୍ଥା କହିଦେଉଛି । ଅଙ୍ଗିରାଦି ଋଷିମାନେ ଏବେ ଯଜ୍ଞ କରୁଛନ୍ତି ମାତ୍ର ତାଙ୍କୁ ଗୋଟାଏ ସୂକ୍ତି ଜଣାନାହିଁ ସେହି ସୂକ୍ତିଟି ମୁଁ ତୁମକୁ କହି ଦେଉଛି ଯାହା ତୁମେ ତାଙ୍କୁ ଜଣାଇ ପ୍ରଚୂର ଧନ ପାଇପାରିବ । ନାଭାଗ ସେହି ଉପାୟରେ ପ୍ରଚୂର ଧନ ନେଇ ଫେରୁଥିବା ସମୟରେ ଜଣେ କୃଷ୍ଣକାୟ ବ୍ୟକ୍ତି ରାସ୍ତାରେ ସେ ସବୁ ତାଙ୍କ ସମ୍ପତ୍ତି ଦାବୀ କରିବାରୁ ନାଭାଗ ଆସି ପିତାଙ୍କୁ କହିଲେ । ପିତା କହିଲେ ଦକ୍ଷଯଜ୍ଞ ବ୍ୟବସ୍ଥାନୁସାରେ ଯଜ୍ଞ ସମାପ୍ତ ପରେ ଯଜ୍ଞ ସ୍ଥଳର ସମସ୍ତ ସମ୍ପଦ ରୁଦ୍ରଦେବଙ୍କର ଏଣୁ ସେ ଦାବୀ କରିବା ଯଥାର୍ଥ । ନାଭାଗ ପିତାଙ୍କ କଥାନୁସାରେ ସମସ୍ତ ସମ୍ପଦ ନେଇ ରୁଦ୍ର ଦେବଙ୍କୁ ପ୍ରଦାନ କରିବାରୁ ସେ ପ୍ରସନ୍ନ ହୋଇ ସବୁ ସମ୍ପତ୍ତିକୁ ନାଭାଗକୁ ପ୍ରଦାନ କଲେ । ଫଳରେ ନାଭାଗ ପ୍ରଚୂର ସମ୍ପଦର ମାଲିକ ହେଲେ । ତାଙ୍କର ପୁତ୍ର ପରମ ଭାଗବତ ରାଜର୍ଷି ଅମ୍ବରୀଷ । ସେ ସପ୍ତ ଦ୍ୱୀଧା ପୃଥିବୀ ଓ ଅତୁଳ ସମ୍ପଦର ଅଧିକାରୀ ହୋଇଥିଲେ ହେଁ ସେଥିପ୍ରତି ସାମାନ୍ୟ ଆସକ୍ତି ତାଙ୍କର ନଥିଲା । ସର୍ବଦା ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ମନ ଅର୍ପଣ ପୂର୍ବକ ସମସ୍ତ ଐଶ୍ୱର୍ଯ୍ୟକୁ ସ୍ୱପ୍ନବତ ମାନୁଥିଲେ । ପ୍ରତ୍ୟହ ଶ୍ରୀହରି ମନ୍ଦିର ମାର୍ଜନ, ପୂଜନ, ଅର୍ଚ୍ଚନ, ଗୁଣ କୀର୍ତ୍ତନ, ମୂର୍ତ୍ତି ଦର୍ଶନ ଇତ୍ୟାଦିରେ ତାଙ୍କ ସମୟ କଟୁଥିଲା । ଦୟାକ୍ଷମାର ପ୍ରତିମୂର୍ତ୍ତି ଅମ୍ବରୀଷ ବ୍ରାହ୍ମଣମାନଙ୍କ ଉପଦେଶ କ୍ରମେ ଦେଶ ଶାସନ କରୁଥିଲେ । ଭଗବାନ ବିଷ୍ଣୁ ତାଙ୍କର ଭକ୍ତିରେ ଏଭଳି ପ୍ରସନ୍ନ ଥିଲେ ଯେ ଚକ୍ରରାଜଙ୍କୁ ତାଙ୍କ ସୁରକ୍ଷାରେ ନିୟୋଜିତ କରିଥିଲେ । ଥରେ ସ୍ୱାମୀ ସ୍ତ୍ରୀ ବିଷ୍ଣୁଙ୍କର ପ୍ରିୟ ବ୍ରତ କାର୍ତ୍ତିକ ଶୁକ୍ଳ ଏକାଦଶୀ ବ୍ରତ ଯାଥାରୀତି ପାଳନ କରି ବ୍ରାହ୍ମଣମାନଙ୍କୁ ପ୍ରଚୂର ଧନ ବିତରଣ କରି ନିଜେ ପାରଣାକୁ ଯିବା ସମୟରେ ମହର୍ଷି ଦୁର୍ବାସା ସେଠାରେ ଉପସ୍ଥିତ ହେଲେ । ରାଜା ଏହାକୁ ପରମ ସୌଭାଗ୍ୟ ମନେକରି ଚରଣ ବନ୍ଦନା କରିବା ସହ ଭୋଜନ ଗ୍ରହଣ ନିମିତ୍ତ ପ୍ରାର୍ଥନା କଲେ । ଦୁର୍ବାସା ଋଷି ନିମନ୍ତ୍ରଣ ସ୍ୱୀକାର କରି କାଳନ୍ଦୀ ନଦୀକୁ ସ୍ନାନ କରିବାକୁ ଯାଇ ବହୁ ବିଳମ୍ବ କଲେ । ରାଜା ବଡ ଦ୍ୱିଧାରେ ପଡିଲେ କାରଣ ଦ୍ୱାଦଶୀ ତିଥି ଆଉ ମାତ୍ର ଅର୍ଦ୍ଧ ମୁହୂର୍ତ୍ତ ଥିବାରୁ ନିୟମାନୁଯାୟୀ ପାରଣା ନକଲେ ବ୍ରତଭଙ୍ଗ ହେବ । ତେଣେ ଅତିଥିକୁ ଭୋଜନ ନଦେଇ ପାରଣା କଲେ ଅପରାଧ ହେବ । ଏ ପରିସ୍ଥିତିରେ କିଭଳି ଧର୍ମରକ୍ଷା ହେବ ଜାଣିବାକୁ ବ୍ରାହ୍ମଣମାନଙ୍କ ପରାମର୍ଶ ନେବାରୁ ସେମାନେ କହିଲେ ଜଳପାନକୁ ଉଭୟ ଭୋଜନ ଓ ଅଭୋଜନ ଭାବରେ ଗ୍ରହଣ କରା ଯାଉଥିବାରୁ ରାଜା କେବଳ ଜଳପାନ କଲେ । ଦୁର୍ବାସା ଋଷି ଫେରି ଆସିବାରୁ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ସହ ଭୋଜନ ପ୍ରଦାନ କଲେ । ମହାଜ୍ଞାନୀ ଦୁର୍ବାସା ଜାଣିପାରିଲେ ଯେ ରାଜା ତାଙ୍କୁ ଭୋଜନ ଦେବା ପୂର୍ବରୁ ଜଳପାନ କରିଛନ୍ତି ଏଣୁ କ୍ରୋଧରେ ସେ ନିଜ ଜଟାରୁ ଏକ ବାଳ ଛିଡାଇ ତାକୁ କାଳାଗ୍ନିରେ ପରିଣତ କରି ଅମ୍ବରୀଷକୁ ଭସ୍ମ କରିବାକୁ ନିର୍ଦ୍ଦେଶ ଦେଲେ । କାଳାଗ୍ନି ଲେଲିହାନ ଜିହ୍ୱା ବିସ୍ତାର କରି ରାଜାଙ୍କୁ ପୋଡିବାକୁ ମାଡିଆସିଲା ଓ ଚତୁର୍ଦ୍ଦିଗରେ ଘୋଟିଗଲା । ରାଜା ବିଚଳିତ ନହୋଇ ସ୍ଥିର ଭାବରେ ଛିଡା ହେଲେ । ସହସା ଚକ୍ରରାଜ ଆବିର୍ଭୂତ ହୋଇ କାଳାଗ୍ନିକୁ ନିର୍ବାପିତ କଲେ ଏବଂ କ୍ରୋଧରେ ଦୁର୍ବାସାଙ୍କୁ ବଧ କରିବାକୁ ଅଗ୍ରସର ହେଲେ । ଦୁର୍ବାସା ଜୀବନ ବିକଳରେ ପଳାଇବାକୁ ଲାଗିଲେ, ଚକ୍ର ମଧ ପଶ୍ଚାତଧାବନ କରିବାରୁ ସେ କେତେବେଳେ ସୁମେରୁ ପର୍ବତର ଗୁମ୍ଫାରେ ତ କେତେବେଳେ ସମୁଦ୍ରରେ ଲୁଚିବାକୁ ଗଲେ ମଧ ଚକ୍ର ତାଙ୍କ ପଛରେ ଲାଗିଥିବାରୁ ସେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ନିକଟକୁ ଯାଇ ରକ୍ଷା କରିବାକୁ ନିବେଦନ କରି ବିଫଳ ହେବାରୁ କୈଳାସବାସୀ ମହାଦେବଙ୍କ ନିକଟକୁ ଯାଇ ରକ୍ଷା କରିବାକୁ ନିବେଦନ କଲେ ମାତ୍ର ସେଠାରୁ ମଧ ବିଫଳ ହେବାରୁ ଶେଷରେ ବୈକୁଣ୍ଠାଧିପତି ବିଷ୍ଣୁଙ୍କ ଶରଣାପନ୍ନ ହୋଇ ନିଜର ଅପରାଧ ନିମନ୍ତେ କ୍ଷମା ମାଗିବା ସହ ସ୍ତୁତି କଲେ । ଭଗବାନ କହିଲେ ବ୍ରାହ୍ମଣ ମୋର ଭକ୍ତ ଓ ମୋଠାରୁ ଅଭିନ୍ନ ବରଂ ମୁଁ ତାଙ୍କର ଅଧୀନ । ଯିଏ ସକଳ ପରିତ୍ୟାଗ କରି ମୋର ଆଶ୍ରୟ ନିଏ ମୁଁ ତାକୁ କେବେ ପରିତ୍ୟାଗ କରେନାହିଁ । ସତୀ ସ୍ତ୍ରୀ ନିଜ ସ୍ୱାମୀକୁ ବଶରେ ରଖିଲାପରି ମୁଁ ଭକ୍ତର ଅଧୀନ ଥାଏ । ତୁମେ ଯାହାଠାରେ ହିଂସା କରିଛ ସେଠାକୁ ଯାଇ ତାଙ୍କୁ ପ୍ରସନ୍ନ କର । ତୁମର ବିପଦ ଦୂର ହେବ । ଯେଉଁ ମାନେ ନିରୀହ, ସରଳ ଓ ସାଧୁମାନଙ୍କ ପ୍ରତି ଅନ୍ୟାୟ ଆଚରଣ କରନ୍ତି ସେମାନଙ୍କର ଅଶେଷ ଅମଙ୍ଗଳ ହୁଏ । ହଠାତ୍ ବିପଦ ତାଙ୍କୁ ମାଡିବସେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ରଙ୍ଗ**

# ନିନ୍ଦା ପୂର୍ବରୁ ବିଚାର କରିବା



## ଶ୍ୱେତା ରାଉତ୍

ଅଧ ରାତିରେ ଏତେ ହୋ ହାଲ୍ଲା ଶୁଣି କଲୋନୀ ଯାକର ଲୋକେ ଏକାଠି ହୋଇଗଲେ। ଜଣେ ସତର ବର୍ଷର ବାଳକକୁ ଆଠ-ଦଶ ଜଣ ଦୁର୍ଦ୍ଧାନ୍ତ ପିଲା ଘେରି ଯାଇ ବାଡ଼ା ପିଟା କରୁଥାନ୍ତି, ପିଲାଟି ଚିତ୍କାର କରୁଥାଏ ବଞ୍ଚାଇବାକୁ। ସମସ୍ତେ ଦେଖୁଥାନ୍ତି ଅଥଚ କେହି ଭୟରେ ଆଗକୁ ଯାଉନଥାନ୍ତି। ସେତିକିବେଳେ ଶୈଳ ଅଣ୍ଟାରେ ଲୁଗା ଭିଡ଼ି,ହାତରେ ଗୋଟେ ବାଡି ଧରି କୁଦି ପଡ଼ିଲା ଓ ମନ ଇଚ୍ଛା ବାଡେଇ ଚାଲିଲା ସେ ଦୁର୍ଦ୍ଧାନ୍ତ ପିଲାଙ୍କୁ। ସେମାନେ ପ୍ରତିବାଦ କଲାବେଳକୁ ଶୈଳ ଆହୁରି ଜୋର୍ ରେ ପିଟି ଚାଲିଥାଏ। ଯାହା ହେଉ ଶୈଳ ଠିକ୍ ସମୟରେ ସାହସ ଜୁଟାଇ ନୀରିହ ପିଲାଟିକୁ ବଞ୍ଚାଇଦେଲା। ଦେଖଣାହାରୀମାନେ ଖୁବ୍ ପ୍ରଶଂସା କଲେ ଶୈଳର। କଲୋନୀ ପାଖରେ ଗୋଟେ ଝୁମ୍ପୁଡ଼ିରେ ରହୁଥାଏ ଶୈଳ, ହେଲେ ସାହସ କହିଲେ ନସରେ, ଅନ୍ୟାୟ କରେ ନାହିଁ କି ସହେ ନାହିଁ।କଲୋନୀରେ ଅନେକଙ୍କ ବିପଦ ବେଳେ ସାଙ୍ଗରେ ଠିଆ ହୋଇ ସାହସ ଦିଏ। ଅନେକଙ୍କ ଘରେ କାମ କରିଦିଏ, ତାର ସୁନ୍ଦର କଥାରେ ସମସ୍ତଙ୍କୁ ହସ ଖୁସି ବାଣ୍ଟି ଆପଣାର କରିନିଏ। ଶୈଳ ପାଇଁ କଲୋନୀବାସୀ ଏକ ପ୍ରକାର ସୁରକ୍ଷିତ ଅନୁଭବ କରନ୍ତି।

କିଛି ଦିନ ଶୈଳର ଦେଖା ମିଳିଲା ନାହିଁ, ଯେତେ ବଡ ବିପଦ ଆସୁ କି କଲୋନୀରେ ମାରପିଟ୍ ହେଉ ଶୈଳର ହସ୍ତକ୍ଷେପ ରହିଲା ନାହିଁ। ସମସ୍ତେ ମନେ ମନେ କେତେ କଣ ଚିନ୍ତାକଲେ। କିଏ ଭଲ କହୁଥିଲେ ତ କିଏ ଖରାପ। କିଏ କହିଲା ଶୈଳ ଥିଲା ବୋଲି ଏ ରୋଡ୍ ରୋମୀଓଙ୍କ ଭାଉ ନଥିଲା, କିଏ କହିଲା ଉଗ୍ରଚଣ୍ଡିଟା ମନେ ମନେ ଝାନସି ରାଣୀ ଭାବୁଥିଲା, କୋଉଠି କିଏ ମାରିକି ଫିଙ୍ଗି ଦେଇଥିବ। କିଏ କହିଲା କାହା ସହିତ ଫେରାର ହୋଇ ଯାଇଥିବ। ବିଭିନ୍ନ ପ୍ରକାର ଆଲୋଚନା ଚାଲିଲା। ଦିନେ ଖରାବେଳେ ଦୁଇ ଜଣ ଅସାମାଜିକ ବ୍ୟକ୍ତି ଗାଡ଼ି ଧରି ଆସି ସମସ୍ତଙ୍କ ଘରେ ପଶି କାହାକୁ କେଜାଣି ଖୋଜି ଚାଲିଲେ, ଜଣାନାହିଁ ପୁଣି କେଉଁ ପିଲାଙ୍କ ଗଣ୍ଡଗୋଳ ଯୋଗୁଁ ହୋଇପାରେ। ଏସବୁ ତ ସେ ଅଞ୍ଚଳରେ ନିତିଦିନିଆ ଥିଲା। ଦିନକୁ ଦିନ କଲୋନୀରେ ଉପଦ୍ରବ ବଢ଼ି ଚାଲିଥିଲା। ଦିନେ ଖବରକାଗଜରେ ଶୈଳର ଫଟୋ ଦେଖି କଲୋନୀ ସାରା ଶୈଳ ବିଷୟରେ କଣ ଲେଖା ଅଛି ପରସ୍ପର ହାତରୁ ଖବର କାଗଜ ଛଡେଇ ନେଇ ପଢି ପକାଇଲେ। ତିନି ମାସ ହେବ ଶୈଳ, ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲା। ଯେଉଁ ପିଲାଟିକୁ ବଞ୍ଚାଇବାକୁ ଶୈଳ ଦୁର୍ଦ୍ଧାନ୍ତ ପିଲାଙ୍କ ସହ କଳି କରିଥିଲା,ସେମାନେ ଶୈଳକୁ ପରିବା ଆଣିବାକୁ ଏକା ଯାଉଥିବା ବେଳେ ପଛ ଆଡୁ ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ। ସ୍ଥାନୀୟ ଦୋକାନୀ ଜଣଙ୍କ ଶୈଳକୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଦେଇଥିଲେ, ସେ କୋମାରେ ଥିଲା। ଯେତେବେଳେ ତାର ଦେହାନ୍ତ ହୋଇଗଲା ଖବର କାଗଜ ଦ୍ୱାରା ଜାଣିବାକୁ ମିଳିଲା। ଖବର ପଢ଼ିବା ପରେ କଲୋନୀ ଲୋକେ ଧାଇଁଥିଲେ ଶୈଳକୁ ଦେଖିବାକୁ। ବିଧବା ମାଆର ଶବ ପାଖରେ ମୁଣ୍ଡ ପିଟି କାନ୍ଦୁଥିଲା ତା ଦଶ ବର୍ଷର ଝିଅ। ଔପଚାରିକ ଭାବେ ସାନ୍ତ୍ୱନା ଦେଇ ସମସ୍ତେ ଫେରି ଆସିଲେ, କେହି ବି ଅନାଥ ଝିଅଟିକୁ ପାଖକୁ ଆଣି ନଥିଲେ। ଯେଉଁ ପିଲାକୁ ବଞ୍ଚାଇବାକୁ ଯାଇ ଶୈଳର ମୃତ୍ୟୁ ହୋଇଥିଲା, ସେ ପିଲାର ବାପା ମାଆ ବି ଟିକେ ଦୟା ଦେଖାଇ ନଥିଲେ ଛୋଟ ଝିଅଟି ଉପରେ।

ଜୀବନରେ କେତେବେଳେ କାହା ସହିତ କଣ ଘଟେ କେହି ନଜାଣି ନଶୁଣି ଅନେକ କଥା କହି ପକାନ୍ତି, ଖରାପ ଆଲୋଚନା ବି କରିଦିଅନ୍ତି, ସ୍ୱାର୍ଥ ପୂରଣ ହେବାଯାଏ ଖୋଜି ଚାଲନ୍ତି ଓ ସହଯୋଗର ସମୟ ଆସିଲେ ମୁହଁ ବୁଲେଇ ଦିଅନ୍ତି। ଶୈଳ ଅନୁପସ୍ଥିତ ଥିବା ବେଳେ ତା ଚରିତ୍ରକୁ ନେଇ କେତେ କଣ କହୁଥିଲେ ସମସ୍ତେ, ହେଲେ ବାସ୍ତବତା ଥିଲା ଅଲଗା। ସମସ୍ତଙ୍କର ପରିସ୍ଥିତିକୁ ବୁଝି, ସହଯୋଗ ମନୋଭାବ ରଖିଲେ ଯାଇ ସମ୍ପର୍କ ସୁନ୍ଦର ହେବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଏସବୁ ଭୁଲ କୁଲରକୁ କରିଦେବ ହିଟର

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଲୋକମାନେ ଏସି ଏବଂ କୁଲରର ସାହାଯ୍ୟ ନିଅନ୍ତି, ଯାହା ଆପଣଙ୍କୁ ବାହାରର ପ୍ରଚଣ୍ଡ ଗରମରୁ ଆରାମ ଦିଏ। ଯେପରିକି ଆମେ ଏସି ବ୍ୟବହାର କରିବା ସମୟରେ କିଛି ବିଶେଷ ସତର୍କତା ଅବଲମ୍ବନ କରୁ। ସେହିପରି, କୁଲର ବ୍ୟବହାର କରିବା ସମୟରେ, ଆପଣଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ପଡିବ। ଅନେକ ସମୟରେ ଲୋକମାନେ ଏପରି ଭୁଲ କରନ୍ତି ଯାହା ଯୋଗୁଁ କୁଲର ଥଣ୍ଡା ପବନ ବଦଳରେ ଗରମ ପବନ ବହିବାକୁ ଆରମ୍ଭ କରେ। ଯଦି ଆପଣ ମଧ ଆପଣଙ୍କ କୁଲରରୁ ସମ୍ପୂର୍ଣ୍ଣ ଥଣ୍ଡା ପାଉନାହାଁନ୍ତି ଏବଂ ଆପଣଙ୍କୁ ଲାଗୁଛି ଯେ ଏହା ଏକ ହିଟର ପରି କାମ କରୁଛି, ତେବେ ଏହା ସମ୍ଭବ ଯେ ଆପଣ ମଧ କିଛି ସାଧାରଣ ଭୁଲ କରୁଛନ୍ତି। ଏପରି ପରିସ୍ଥିତିରେ, ଯଦି ଆପଣ ସମୟ ମଧ୍ୟରେ ଧ୍ୟାନ ନଦିଅନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟ ମଧ ଖରାପ ହୋଇପାରେ। ଯଦି ଆପଣ କୁଲରରୁ ଥଣ୍ଡା ପବନ ଚାହୁଁଛନ୍ତି, ତେବେ ଏଥିରେ ସଠିକ୍ ପରିମାଣର ପାଣି ଭର୍ତ୍ତି ହେବା ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ, ଯଦି ଟାଙ୍କିରେ ପାଣି କମ୍ ଥାଏ, ତେବେ କୁଲରର କୁଲିଂ ପ୍ୟାଡ୍ ଶୁଖିଯିବ, ଯାହା ଦ୍ୱାରା ଫ୍ୟାନ୍ କେବଳ ଗରମ ପବନ ଦେବା ଆରମ୍ଭ କରିବ। ଏପରି ପରିସ୍ଥିତିରେ, କୁଲର ଟାଙ୍କିରେ ନିୟମିତ ପାଣି ଭର୍ତ୍ତି କରିବା ଗୁରୁତ୍ୱପୂର୍ଣ୍ଣ।




କୁଲିଂ ପ୍ରଭାବିତ ହେବାର ସବୁଠାରୁ ବଡ଼ କାରଣ ହେଉଛି ଆପଣ ବହୁତ ଦିନ ଧରି କୁଲିଂ ପ୍ୟାଡ୍ ସଫା କରିନାହାଁନ୍ତି। ଯଦି କୁଲରର କୁଲିଂ ପ୍ୟାଡ୍ ମଇଳା କିମ୍ବା ଶୁଖିଲା ହୋଇଯାଏ, ତେବେ କୁଲର ଥଣ୍ଡା ପବନ ବଦଳରେ ଗରମ ପବନ ଦେଇଥାଏ। ତେଣୁ, ସମୟ ସମୟରେ ପ୍ୟାଡଗୁଡ଼ିକୁ ସଫା କରିବା ଏବଂ ଆବଶ୍ୟକ ହେଲେ ବଦଳାଇବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ସେଗୁଡ଼ିକ ସଠିକ୍ ଭାବରେ ପାଣି ଶୋଷି ପାରିବେ ଏବଂ ଥଣ୍ଡା ପବନ ପ୍ରଦାନ କରିପାରିବେ। ଯଦି ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଏ ଏବଂ ବାୟୁ ଅତ୍ୟଧିକ ଗରମ ହୋଇଯାଏ, ତେବେ କୁଲରର ଶୀତଳୀକରଣ କ୍ଷମତା ହ୍ରାସ ପାଏ। ଏପରି ପରିସ୍ଥିତିରେ, କୁଲରରୁ ଥଣ୍ଡା ପବନ ପାଇବା ପାଇଁ, ଆପଣ ଏଥିରେ ଥଣ୍ଡା ପାଣି କିମ୍ବା ବରଫ ପକାଇପାରିବେ। ଏହା ଦ୍ୱାରା ଶୀତଳତା ବୃଦ୍ଧି ପାଇବ ଏବଂ ଗରମ ପବନର ସମସ୍ୟା ମଧ କମିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ବଜାରରେ ଏପରି ଅନେକ ବିକଳ୍ପ ଉପଲବ୍ଧ, ଯାହା ଆପଣଙ୍କୁ ବରଫ ଏବଂ ଥଣ୍ଡା ପାଣି ପାଇଁ ପୃଥକ ଟ୍ରେ ଦିଏ। କୁଲର ଥଣ୍ଡା ପବନ ଦେବା କେବଳ ସେତେବେଳେ କାମ କରେ ଯେତେବେଳେ କୋଠରୀରେ ପବନର ଉପଯୁକ୍ତ ସଞ୍ଚାଳନ ହୁଏ। ତେଣୁ, କୁଲର ଚଲାଇବା ସମୟରେ କୋଠରୀର ଝରକା କିମ୍ବା ଦ୍ୱାର ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ପବନର ସଠିକ୍ ପ୍ରବାହ ହୋଇପାରିବ।

# ପଦ୍ମନାଡ଼ ସେବନ କଲେ ମିଳିବ ଏ ସବୁ ସମସ୍ୟାରୁ ମୁକ୍ତି



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ। ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ । ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢ଼ିବାର ଆଶଙ୍କା ନଥାଏ । ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ । ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମାଜସେବୀ ହିଁ କୃଷିର ମାର୍ଗଦର୍ଶକ

ମହାରାଷ୍ଟ୍ରର କଙ୍କଣ ଓ ବମ୍ବେ ଅଞ୍ଚଳରେ ବର୍ଷକୁ ହାରାହାରି ୧୦୦ ଇଞ୍ଚରୁ ଊର୍ଦ୍ଧ୍ୱ ବୃଷ୍ଟିପାତ ହେଲେ ସୁଦ୍ଧା ବିଦର୍ଭ, ମରହଟାୱାର୍ଡ, ପଶ୍ଚିମ ମହାରାଷ୍ଟ୍ରର ବହୁ ଅଞ୍ଚଳରେ ବର୍ଷକୁ ହାରାହାରି ବୃଷ୍ଟିପାତ ୧୫ରୁ ୩୦ ଇଞ୍ଚ ମଧ୍ୟରେ ହୁଏ। ଜଳସେଚିତ ଜମି ଶତକଡ଼ା ୧୫ ଭାଗରୁ କମ୍। ମରୁଡ଼ି ମହାରାଷ୍ଟ୍ରର ବହୁଅଞ୍ଚଳର ଚିର ସହଚର। ଉକ୍ତ ଶୁଷ୍କ ଅଞ୍ଚଳରେ ମାଣ୍ଡିଆ, ବାଜରା, କପା ପ୍ରକୃତି ଫସଲ ଉତ୍ପନ୍ନ ହୁଏ। ମହାରାଷ୍ଟ୍ର ଚାଷୀର ଆଶାନୁରୂପ ଫସଲ ଅମଳ ଅନିଶ୍ଚିତ ଓ ନିରାଶାଜନକ। କେବଳ ଜୁନ୍ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବର୍ଷା ହୁଏ। ଆଉ ଆଠମାସ ଖରାରେ ମାଟି ଶୁଖିଯାଇ ଦୁବଘାସ ବି ମରିଯାଏ। କେତେକ ସମାଜସେବୀ, ରାଜନୈତିକ ନେତା ବିଭିନ୍ନ ସମବାୟ ସମିତି ତଥା ପ୍ରତିଷ୍ଠାନ ଗଢ଼ି ବ୍ୟାଙ୍କରୁ ଋଣ ଆଣି ନିଜ ଉଦ୍ୟମରେ ନଦୀ, ନାଳ ବନ୍ଧାଇ ପତିତ ଓ ଅନ୍ୟ ଜମିରେ ଜଳସେଚନ କରାଇ ମାଣ୍ଡିଆ ଓ ବାଜରା ଚାଷ କରିବା ଆରମ୍ଭ କଲେ। କୃଷକମାନଙ୍କ ଚାଷଜମିରେ ଉଠା ବିନ୍ଦୁ ତଥା ବିଚ୍ଛୁରିତ ଜଳସେଚନ କରାଇ ଆଖୁ, ଅଙ୍ଗୁର ଓ ପରିବା ଚାଷ ଆରମ୍ଭ କଲେ। ଫଳରେ ଅନେକ ଚାଷୀଙ୍କ ଆର୍ଥିକ ଅବସ୍ଥାରେ ଢେର ପରିବର୍ତ୍ତନ ଦେଖାଦେଲାଣି। ଆଖୁ ଚାଷୀଙ୍କୁ ଲାଭଜନକ ଦର ଦେବା ପାଇଁ ଏବଂ କୃଷି ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରାୟ ୬୭ଟି ସମବାୟ ଚିନିକଳ ବସାଇ ସାରିଲେଣି। ଭାରତବର୍ଷର ୬୦ ଭାଗ ଚିନି, ୫୫ ଭାଗ ଅଙ୍ଗୁର, ୭୦ ଭାଗ ଡାଳିମ୍ବ କେବଳ ମହାରାଷ୍ଟ୍ରରୁ ଉତ୍ପନ୍ନ ହେଉଛି। ଚିନିକଳ ଉନ୍ନୟନ ପାଣ୍ଠିରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତାଘାଟ, ଗରିବ ଲୋକମାନଙ୍କ ପାଇଁ ବସ୍ତି ସ୍ଥାପନ ପ୍ରଭୃତି କାର୍ଯ୍ୟକ୍ରମ ଆରମ୍ଭ କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଭୂତ ଉନ୍ନତି ହୋଇପାରିଛି। ବିଶେଷକରି ମହାରାଷ୍ଟ୍ରର ସାଙ୍ଗଲି, କୋହ୍ଲାପୁର, ସତାରା, ପୁନା, ନାଗପୁର ଓ ଅହମ୍ମଦ ନଗର ପ୍ରଭୃତି ଜିଲ୍ଲାରେ ସମାଜସେବୀମାନେ ଜଳସେଚନ ଜରିଆରେ ଆଖୁଚାଷ ତଥା ସମବାୟ ଚିନିକଳ ସ୍ଥାପନର ନେତୃତ୍ୱ ନେଇ ମହାରାଷ୍ଟ୍ରର ରାଜନୀତିକୁ ପ୍ରଭାବିତ କରିପାରିଛନ୍ତି। କପାଚାଷ ପାଇଁ ଚାଷୀମାନଙ୍କର ଆଗ୍ରହ ଥିଲେ ମଧ ଏହା ଲାଭଜନକ ଫସଲ ହୋଇ ନ ଥିବାରୁ ଏହି ଚାଷପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଇଛି। ସାଙ୍ଗଲି ଜିଲ୍ଲାର କେତେକ ପ୍ରଗତିଶୀଳ ଚାଷୀ ଏକ ହୋଇ ଛତ୍ରୀ (କ୍ଷତ୍ରୀୟ) ତେଜ ଦଳ ଗଠନ କରିଥିବା ବେଳେ କଙ୍କଳ ଜିଲ୍ଲାର ରିୱାଣ୍ଡି ତହସିଲ ଅନ୍ତର୍ଗତ ଦୋହଲି ଗ୍ରାମରେ ୨୦ଜଣ ଚାଷୀ 'ଶ୍ରୀମତୀ ରାଣୀ ସାହେବା ପୁତଲିବାଈ ପ୍ରତିଷ୍ଠାନ' ଗଠନ କରିଛନ୍ତି। ହିସାବରୁ ଜଣାଯାଏ ୧୦ ଏକର ଆଖୁଚାଷରେ ସମସ୍ତ ଖର୍ଚ୍ଚ ଯାଇ ୧ ଲକ୍ଷ ଟଙ୍କା ଲାଭ ହେଉଛି। ଜଣେ ପମ୍ପ ଡ୍ରାଇଭର, ଜଣେ ଯନ୍ତ୍ରୀ, ଜଣେ ଜଗୁଆଳୀ, ଜଣେ ହିସାବ ରକ୍ଷକ ଓ ତଦାରଖ ଅଫିସର ପ୍ରଭୃତି ୬ ଜଣ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ଉକ୍ତ ପ୍ରତିଷ୍ଠାନ ଆନୁସଙ୍ଗିକ ମଜୁରୀ, ଦରମା, ହଳ ବଳଦ, ବିହନ, ସାର, ବିଜୁଳି ଇତ୍ୟାଦି ଖର୍ଚ୍ଚ ବାଦ୍ ଫସଲ ବିକ୍ରି କରି ନିୟମିତ ଭାବରେ ଭୂମି ଉନ୍ନୟନ ସମବାୟ ବ୍ୟାଙ୍କରୁ ନେଇଥିବା ଋଣକୁ ପରିଶୋଧ କରୁଛନ୍ତି। ଉକ୍ତ ପ୍ରତିଷ୍ଠାନର ଶ୍ରୀମତୀ ସାଳିନୀ ତାଇ ପଟିଲ୍ ପୃଷ୍ଠପୋଷକ ଅଛନ୍ତି। ମହାରାଷ୍ଟ୍ର ଭୂମି ଉନ୍ନୟନ ସମବାୟ ବ୍ୟାଙ୍କ ସୂତ୍ରରୁ ଜଣାଯାଏ ଯେ, ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ଲୋକମାନେ ଏପରି ଅନେକ ପ୍ରତିଷ୍ଠାନ ଓ ସମବାୟ ସମିତିମାନ ଗଠନ କରି କମ୍ ବୃଷ୍ଟିପାତ ଅଞ୍ଚଳର ପଡ଼ିଆ ଜମିକୁ ପାଣି ମଡ଼ାଇ ବିଭିନ୍ନ ଅର୍ଥକାରୀ ଫସଲ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି। କୋହ୍ଲାପୁରରେ କୃଷକ ଶ୍ରମିକ ଦଳର ନେତା ପାଟିଲ୍ ସାହେବ ୱାରାନା ସମବାୟ ସମିତି ସ୍ଥାପନ କରି ଆଖୁଚାଷ ଜରିଆରେ ଚାଷୀମାନଙ୍କର ଅଶେଷ ଆର୍ଥିକ ଉନ୍ନତି କରିପାରିଛନ୍ତି। ସେହିପରି କଂଗ୍ରେସ ନେତା ବସନ୍ତ ଦାଦା ପାଟିଲ୍ ସାଙ୍ଗଲି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ବିଶେଷ ଉପକାର କରିପାରିଛନ୍ତି। ଫଳରେ ଉକ୍ତ ନେତାମାନେ ମହାରାଷ୍ଟ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଶରତ ପାୱାର ଚାଷୀମାନଙ୍କୁ ଏକତ୍ରୀକରଣ କରି ଆଖୁ ଚାଷ ପ୍ରତି ବିଶେଷ ଧ୍ୟାନ ଦେଇ ସମବାୟ ଚିନିକଳ ସ୍ଥାପନ କରି ଭାରତବର୍ଷର ବାର୍ଷିକ ଆବଶ୍ୟକ ଚିନିର ଶତକଡ଼ା ୫୦ ଭାଗ ଯୋଗାଉଛନ୍ତି। ଚାଷୀମାନେ କେବଳ ଉତ୍ପାଦନରେ ବ୍ୟସ୍ତ ନ ରହି ଉତ୍ପାଦିତ ଫସଲ କିପରି ଲାଭଜନକ ଦରରେ ବିକ୍ରି ହୋଇପାରିବ ତା'ର ବ୍ୟବସ୍ଥା କରିଛନ୍ତି। ଆରବ ଦେଶମାନଙ୍କରେ ଅଙ୍ଗୁରର ଚାହିଦା ଅଧିକ ଥିବାରୁ ମହାରାଷ୍ଟ୍ର କିପରି ସହଜରେ ଆରବ ଦେଶମାନଙ୍କୁ ଅଙ୍ଗୁର ରପ୍ତାନି କରିପାରିବ ସେଥିପାଇଁ ବ୍ୟାଙ୍କ ଋଣ ସାହାଯ୍ୟରେ ସମିତିମାନେ ଉଡ଼ାଜାହାଜ କିଣି ବ୍ୟବସାୟରେ ଲଗାଇଛନ୍ତି ଏବଂ ବ୍ୟାଙ୍କ ଋଣ ଠିକ୍ ସମୟରେ ଶୁଝୁଛନ୍ତି। ଓଡ଼ିଶାରେ ୧୯୫୮-୫୯ ମସିହାରେ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ଓ କଟକ ଜିଲ୍ଲାର ରଣନଦୀରେ ଉଠାଜଳସେଚନ ସମବାୟ ସମିତି ଗଠନ କରାଯାଇ ତାହା ଜରିଆରେ ପାଣି ମଡ଼ାଇ ଫସଲ କରିବା ଆରମ୍ଭ କରିଥିଲେ ମଧ ପରେ ପରେ ରାଜ୍ୟ ସରକାର ଉଠାଜଳସେଚନ ନିଗମ ପ୍ରତିଷ୍ଠା କରି ନାବାର୍ଡ଼ରୁ ଋଣ ଆଣି ବିଭିନ୍ନ ନଦୀରେ ପମ୍ପ ବସାଇ ଫସଲକୁ ପାଣି ଯୋଗାଇବା ଆରମ୍ଭ କରିବାରୁ ପୂର୍ବ ଉଠାଜଳସେଚନ ସମବାୟ ସମିତି ଦ୍ୱାରା ପରିଚାଳିତ ପ୍ରକଳ୍ପଗୁଡ଼ିକ ବନ୍ଦ ହୋଇଗଲା। ମାତ୍ର ଅତ୍ୟଧିକ ବିଜୁଳି ଖର୍ଚ୍ଚ ଓ ବ୍ୟାଙ୍କ ସୁଧ ତୁଳନାରେ ଜଳ ଟିକସ କମ୍ ହୋଇଥିବାରୁ କାଳକ୍ରମେ ସେଗୁଡ଼ିକ ଅଚଳ ହୋଇଯାଇଛି। ଆଉ ମଧ ବିଭିନ୍ନ ସମୟରେ ସମବାୟ ସମିତି ଉପରେ ସରକାରୀ ବାବୁମାନଙ୍କର ହସ୍ତକ୍ଷେପ ହେତୁ ନିଷ୍ଠାପର କର୍ମୀମାନେ ସମବାୟ ସମିତିରୁ ଅପସରି ଯାଉଛନ୍ତି। ସେ କ୍ଷେତ୍ରରେ ସମାଜସେବୀମାନେ ମହାରାଷ୍ଟ୍ର ରାଜ୍ୟର ଅନୁକରଣରେ ପ୍ରତିଷ୍ଠାନ ସ୍ଥାପନ କରି ବିଭିନ୍ନ ଫସଲ ପାଇଁ ଚାଷୀମାନଙ୍କର ଜମିକୁ ଜଳ ଯୋଗାଇ ଦେଲେ ଓଡ଼ିଶାରେ ପତିତ ଜମି ମାତ୍ରା ହ୍ରାସ ପାଇବା ସଙ୍ଗେ ସଙ୍ଗେ ଅଧିକ ଫସଲ ଉତ୍ପାଦିତ ହୋଇପାରନ୍ତା।

# ପେଜ, ପଖାଳ ଓ ପ୍ରଭୁ ଜଗନ୍ନାଥ



**କବୀର କୁମାର ଜେନା**



'ଏମିତିଆ ଦିଅଁ କେଉଁଠି ଅଛି, ପଖାଳ ଭାତରେ ଘିଅ ଖାଉଛି।'

ଆମ କୋଟି ଓଡ଼ିଆଙ୍କ ମଉଡ଼ମଣି ଆମ ହୃଦୟର ସ୍ପନ୍ଦନ, ଆମ ଭାବର ଆରାଧ୍ୟ ହୃଦୟେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପୂର୍ଣ୍ଣ ଭାବେ ମାନବୀୟ ଲୀଳା ଭାବେ ପରିଗଣିତ। ପ୍ରତିଟି ମଣିଷର ଜୀବନ ଚକ୍ର ପରି ପ୍ରତିଦିନ କର୍ମ ସମ୍ପାଦନ ପରି ସେ ତାଙ୍କର ପ୍ରତିଟି କର୍ମ କରିଥାନ୍ତି। ଷାଠିଏ ପଉଟି ପ୍ରସାଦ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଗ୍ରହଣ କରୁଥିବା ମହାପ୍ରଭୁ ମଧ ଆମ ଓଡ଼ିଆଙ୍କ ପରି ପଖାଳ ଖାଇଥାନ୍ତି।

ଆମ ଓଡ଼ିଆ ମାଟି, ପାଣି, ପବନର ପ୍ରତିଟି ପାରମ୍ପରିକ ଖାଦ୍ୟ ଭିତରେ ପଖାଳର ବାସ୍ନା ସ୍ୱତନ୍ତ୍ର। ପ୍ରାୟ ପ୍ରତିଟି ଓଡ଼ିଆ ଘରର ଜନଜୀବନରେ ଏହି ପଖାଳ ଯୋଡ଼ା ହୋଇଛି। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଶ୍ରୀମନ୍ଦିର ପରମ୍ପରାରେ ମଧ ପଖାଳର ବିଧି ରହିଛି। ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ। ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡ଼ିଦେଲେ ବାକି ବର୍ଷର ସମସ୍ତ ଦିବସରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାନ୍ତି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ଲାଗି ଚନ୍ଦନ ଯାତ୍ରା ଅବସରରେ ଦହିପଖାଳ ମଣୋହି କରି ମଦନମୋହନ ଚାପ ଖେଳ ପାଇଁ ବାହାରନ୍ତି। ଖରାଦିନେ ଭକ୍ତମାନେ ମହାପ୍ରସାଦକୁ ପଖାଳ କରି ଖାଇଥାନ୍ତି। ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି ମିଳେ ତାହା ମହାପ୍ରସାଦ ପଖାଳରୁ ପ୍ରସ୍ତୁତ ହୋଇଥାଏ। ଏହି ପଖାଳ ତୁଣ ସୁଆର ଓ ଥାଳି ସୁଆର ସେବକମାନେ ପ୍ରସ୍ତୁତ କରିଥାନ୍ତି। ପନ୍ତି ବଡ଼ୁ ସେବକ ଯେଉଁ ଭୋଗରେ ଯେଉଁ ପଖାଳ ଲାଗି ହେବା କଥା ତାହା ପନ୍ତି ଲଗାଇଥାନ୍ତି।

ଶ୍ରୀ ମନ୍ଦିରରେ ପଖାଳର ବ୍ୟବସ୍ଥା ସମ୍ପର୍କରେ ସ୍ୱତ୍ୱଲିପିର ମଧ ଉଲ୍ଲେଖ ରହିଛି। ବଡ଼ୁ ସୁଆର ନିଯୋଗ ପରିଚାଳିତ ଏହି ପଖାଳରେ ଶ୍ରୀମନ୍ଦିରରେ ପାଞ୍ଚ ପ୍ରକାର ପଖାଳ ଅର୍ପଣ ହୋଇଥାଏ। ସେଗୁଡ଼ିକ ହେଉଛି ଘିଅ ପଖାଳ, ଦହି ପଖାଳ, ଚିପୁଡା ପଖାଳ, ଟଭା ପଖାଳ ଓ ସୁବଶିତ ପଖାଳ। ଏହି ପଖାଳ ତିଆରି ପାଇଁ ଶ୍ରୀମନ୍ଦିରର ରୋଷ ଘର ଭିତରେ ସ୍ୱତନ୍ତ୍ର ଭାବେ ଖଡ଼ି ପଥରରେ ଏକ ପଖାଳ କୁଣ୍ଡ ରହିଛି ଯେଉଁଥିରେ ଅନ୍ନ ଓ ପାଣି ଦ୍ୱାରା ମହାପ୍ରଭୁଙ୍କ ପାଇଁ ଦିବ୍ୟ ପଖାଳ ପ୍ରସ୍ତୁତ ହୋଇଥାଏ। ଆସନ୍ତୁ ଏହି ପଖାଳର ପ୍ରସ୍ତୁତି ଓ ସ୍ୱତନ୍ତତା ବିଷୟରେ ଜାଣିବା।

ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ନରେ ପାଣି, ଲୁଣ ଇତ୍ୟାଦି ମିଶା ଯାଇ ଚିପୁଡା ଯାଇ ଏକ ଓଳିରେ ରଖାଯାଏ ଏବଂ ଏହା ଉପରେ ଅଦା, ପାତି, ଭଜା ଜିରା ପକାଯାଇ ଚିପୁଡ଼ା ପଖାଳ ପ୍ରସ୍ତୁତ କରାଯାଇଥାଏ। ପ୍ରତିଦିନ ମଧ୍ୟାହ୍ନ ଧୂପ ସମୟରେ ଏହି ପଖାଳ ଠାକୁରଙ୍କ ପାଖରେ ଲାଗି କରାଯାଏ। ଏହାକୁ ଚିପୁଡ଼ା ପଖାଳ କୁହାଯାଏ। ସେହିପରି ଆମ ଓଡ଼ିଆରେ ଟଭା ଯାହାକି କମଳା ଭଳି ଦେଖାଯାଉଥିବା ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ଠିକ କମଳା ଭଳି ଏକ ଖଟା ଜାତୀୟ ଫଳ। ଏହାସହ ଜିରା, ଲୁଣ, ଅଦାଖଣ୍ଡ ଓ ପାଣି ମିଶ୍ରିତ ହୋଇ ପ୍ରସ୍ତୁତ କରାଯାଏ। ଏହା ମହାପ୍ରଭୁଙ୍କ ପାଖରେ ଠିକ ଦ୍ୱିପ୍ରହର ଧୂପ ସମୟରେ ଲାଗି କରାଯାଏ। ଠିକ ସେହିପରି ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଲବଙ୍ଗ, ଗୋଲମରିଚ ଇତ୍ୟାଦି ପକାଯାଇ ସୁବାସିତ ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ମଧ ମଧ୍ୟାହ୍ନ ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ଦହି ପଖାଳଟି ଯେଉଁଥିରେ ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଦହି ଇତ୍ୟାଦି ପକାଯାଇ ଏହି ପଖାଳ ପ୍ରସ୍ତୁତ ହୋଇଥାଏ। ଏହା ସନ୍ଧ୍ୟା ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ। ତେବେ ସବୁଠାରୁ ଆକର୍ଷଣୀୟ ହୋଇଥାଏ ଘିଅ ପଖାଳ। ଯାହା ମହାପ୍ରଭୁଙ୍କ ବଡ଼ ସିଂହାର ଧୂପ ପରେ ଅର୍ପଣ ହୋଇଥାଏ। ଏଥିରେ ଅନ୍ନ, ଲୁଣ, ଅଦାଖଣ୍ଡ, ଦହି, ଭଜା ଜିରା ଇତ୍ୟାଦି ଓଳିରେ ରଖାଯାଇ ଏଥିରେ ଘିଅ ମିଶାଯାଏ। ଶ୍ରୀମନ୍ଦିର ପାରମ୍ପରିକ ପରିଭାଷାରେ ଏହାକୁ ଘିଅ ପଖାଳ କୁହାଯାଏ। ଏଭଳି ଭୋଗ ଅର୍ପଣ ଓ ପ୍ରସ୍ତୁତ ପରମ୍ପରା ବାସ୍ତବିକ ସମଗ୍ର ବିଶ୍ୱରେ ବିରଳ। ଯେଉଁଥିପାଇଁ ଏକ ପ୍ରବାଦ ରହିଛି 'ଏମିତିଆ ଦିଅଁ କେଉଁଠି ଅଛି, ପଖାଳ ଭାତରେ ଘିଅ ଖାଉଛି।'

ଶ୍ରୀମନ୍ଦିର ପରମ୍ପରାରେ ପଖାଳ ସମ୍ପର୍କରେ ସ୍ୱତ୍ୱଲିପିରେ ଯାହା ବର୍ଣ୍ଣନା ରହିଛି ସେହି ତଥ୍ୟ ମୁତାବକ ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ନୀତି ବ୍ୟବସ୍ଥାରେ ମହାପ୍ରଭୁଙ୍କ ପିଠା ଓ ଭୋଗ ଯୋଡ଼ା ଯାଇଥିବା ସହିତ ପଖାଳ କିନ୍ତୁ ଏହା ଭିତରୁ ପ୍ରାଚୀନ ଓ ସର୍ବପ୍ରଥମ। ତେବେ କେଶରୀ ବଂଶଙ୍କ ସମୟରେ ଥିବା ରୋଷ ଘରେ ପଖାଳ ସମ୍ପର୍କରେ କିଛି ତଥ୍ୟ ମଧ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ମାନବ ବାଦର ସମନ୍ୱିତ ଲୀଳାଖେଳାର ଶ୍ରେଷ୍ଠତମ ପ୍ରତୀକ। ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ତ୍ତବ୍ୟ ସମ୍ପାଦନ କରି ସେ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ ସାରା ଜୀବଜଗତ ପାଇଁ ଏକ ସ୍ୱାଭାବିକ ପ୍ରକ୍ରିୟା।

ଓଡ଼ିଆରେ ଗୋଟିଏ କଥା ଅଛି 'ଶାଗଖିଆକୁ ପେଜପିଆ ସହିପାରେ ନାହିଁ।' ଏହାର ଅର୍ଥ ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ି ହୋଇ ଏହାକୁ ଗୌରବ ଦେଇଛି। ଆମେ ମହାପ୍ରଭୁଙ୍କ ପଖାଳ ନୀତି ସମ୍ପର୍କରେ ଆଲୋଚନା ରଖିବାବେଳେ ଆମ ସାମ୍ନାକୁ ଆସିଥିଲା ମହାନ ଭକ୍ତ ରାମଦାସଙ୍କ ଦ୍ୱାରା ଲିଖିତ 'ଦାର୍ଢ୍ୟତା ଭକ୍ତି' ପୁସ୍ତକ ସମ୍ପର୍କରେ ଯେଉଁଥିରେ ମହାପ୍ରଭୁଙ୍କ ସେହି ପ୍ରାତଃ ସ୍ମରଣୀୟ ଭକ୍ତ ଦାସିଆ ବାଉରୀଙ୍କ କଥା ଉଲ୍ଲେଖ ରହିଛି। ତତ୍କାଳୀନ ଶ୍ରୀକ୍ଷେତ୍ର ପୁରୀ ଠାରୁ ଅନୁନ୍ୟନ ଦୁଇକୋଶ ଦୂରରେ ବାଲିଗାଁ ବା ବାଲି ଗ୍ରାମ। ପାରମ୍ପରିକ କୌଳିକ ଜାତିରେ ସେ ଥିଲେ 'ଖନ୍ଦାଳ' ସମ୍ପ୍ରଦାୟର। ଏହି ଖନ୍ଦାଳ ବା ଖଦାଳ ତନ୍ତୀ ଜାତିବିଶେଷ ଲୁଗାପଟା ନିଜ ତନ୍ତ ଦ୍ୱାରା ତିଆରି କରି ଜୀବନ ନିର୍ବାହ କରନ୍ତି। ଦାସିଆ ବାଉରୀଙ୍କ ସଂସାର ବୋଇଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ। ତାଙ୍କର କୋଳ କିନ୍ତୁ ଶୂନ୍ୟ ଥିଲା। ଦୁଇ ପ୍ରାଣୀଙ୍କ ସଂସାରରେ ପିଲାଝିଲ୍ଲା ହିଁ ନଥିଲେ। ଭକ୍ତ ଦାସିଆ ତାଙ୍କ ସମୟରେ ଗ୍ରାମରେ ବ୍ରାହ୍ମଣଙ୍କ ଘରେ ବ୍ରତ ବା ଆଧାତ୍ମିକ କାର୍ଯ୍ୟ ସମ୍ପାଦନ ବେଳେ ଯେଉଁ ନାମ ଗାୟନ ସବୁ ହୁଏ ତାହା ତାଙ୍କୁ ଭିତର ହୃଦୟରୁ ଯେପରି କେହି କିଛି ସଂକେତ ଦେଇ ଡାକିଥାଏ। ଜାତିରେ ଛୋଟ ହୋଇଥିବାରୁ ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପାଦିତ ସ୍ଥାନ ଠାରୁ ଦୂରରେ ରହି ସେ ଏହାକୁ ଶୁଣୁଥାନ୍ତି। ଏହି ଶୁଣିବା ଭିତରେ ହିଁ ତାଙ୍କର ଦିବ୍ୟ ଜ୍ଞାନର ଚୈତନ୍ୟ ଉଦୟ ହୋଇଥିଲା। ସମାଜରେ ଗୁରୁଜ୍ଞାନୀ, ବିଦ୍ୱାନ ମଣ୍ଡଳୀଙ୍କ ଠାରୁ ଟିକେ ଦୂରରେ ହେଉ ବରଂ ବସି ଭଗବତ ଜ୍ଞାନ ଶୁଣୁଥିଲେ। କର୍ମମୟ ଜୀବନରେ ପୂଣ୍ୟ କ'ଣ ପାପ କ'ଣ ସେ ବୁଝି ପାରିନଥାଏ। ପ୍ରତିଦିନ ଯେତିକି ଯାହା ମିଳେ ସେଇଥିରେ ସେ ଆନନ୍ଦରେ ନିଜକୁ ଅତିବାହିତ କରିଥାଏ। ସୁଖ ବି ଠାକୁର ଦେଇଛନ୍ତି ଦୁଃଖ ବି ଠାକୁର ଦେଇଛନ୍ତି। ଏହାକୁ ଗ୍ରହଣ କରି ସେ ତାଙ୍କ ଦୈନନ୍ଦିନ ଜୀବନ ଆଗେଇ ନେଉଥିବାବେଳେ ପ୍ରତିବର୍ଷ ପରି ସେ ବର୍ଷଟି ଥିଲା ଗୁଣ୍ଡିଚା ଯାତ୍ରା ଆସିବାର ପୂର୍ବ ସମୟ। ଛୋଟିଆ ତନ୍ତୀ କାରିଗରଟି ହୋଇଥିଲେ ମଧ ଭକ୍ତ ଭାବନାରେ ଗଦ ଗଦ ହୋଇ ମହାପ୍ରଭୁଙ୍କୁ ରଥାରୂଢ଼ରେ ଦର୍ଶନ କରି ଭାବତନ୍ମୟ ହୋଇପଡୁଥିଲା। ଦାଢ଼୍ୟାତ୍ୟା ଭକ୍ତିରେ କବିରାମ ଦାସ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି - 'କଳା ଶ୍ରୀମୁଖକୁ ଅନାଇ, ବେନି ନୟନୁ ଧାର ବହି, ରଙ୍ଗ ଅଧର କଳା ଡୋଳା, ଦେଖି ଭାବରେ ହେଲା ଭୋଳା।' ଶ୍ରୀକ୍ଷେତ୍ରରୁ ରଥାରୁଢ଼ ପରମବ୍ରହ୍ମ କାଳିଆ ସାଆନ୍ତଙ୍କୁ ପେଟ ପୁରାଇ ଦର୍ଶନ କରି ଭକ୍ତ ଦାସିଆ ଘରକୁ ଫେରିଥିଲେ। ତନ୍ତୀ ଘର ଯେହେତୁ, ତାଙ୍କ ଧର୍ମପତ୍ନୀ ଘରେ ଥିବା ରଙ୍ଗ ହାଣ୍ଡିରେ ରାନ୍ଧିଥିବା ଖାଦ୍ୟ ଭାବେ ପେଜମିଶା ଭାତ ବା ଜାଉ ଆଣି ତାଙ୍କ ସାମ୍ନାରେ ରଖିଥିଲେ। ଆଉ ତା ମଝିରେ ଥିଲା ନିଜ ବାରିର ମେଞ୍ଚାଏ ଶାଗର ଭଜା। ହୃଦୟସ୍ପର୍ଶୀ ଭାବେ ଏହାର ଅତି ସୁନ୍ଦର ବର୍ଣ୍ଣନା ରହିଛି 'ଦାର୍ଢ୍ୟତା ଭକ୍ତି'ରେ। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା 'ହାଣ୍ଡି ସୁରଙ୍ଗ ପେଜ ଧଳା, ତା ମଧ୍ୟେ ଶାଗ ଦିଶେ କଳା, ସାକ୍ଷାତେ ପଦ୍ମଡୋଳା, ଏହି, ଗୋଳି କି ରୂପେ ଖାଇବଇଁ।' ଆମ ଓଡ଼ିଆ ଚଳଣୀରେ ଓ ଖାଦ୍ୟ ପ୍ରସ୍ତୁତିରେ ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ ତା ନଡ଼ିଆ ପରି ଭକ୍ତଭାବଗ୍ରାହୀଙ୍କ କିମ୍ବଦନ୍ତୀ ଅଙ୍ଗ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୁନ୍ୟ ପାଞ୍ଚ ପ୍ରକାରର ପଖାଳ ଭୋଗ। ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଓଡ଼ିଆ ଭକ୍ତି ଭାବନାର ବିଶ୍ୱାସ, ପରମ୍ପରା ଓ ବିଚାର ଉପରେ ପର୍ଯ୍ୟବେଶିତ। ମହାପ୍ରଭୁ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ ଏହା ହିଁ କାମନା।


ଅଣିକଣା, ବରୀ, ଯାଜପୁର,
ମୋ : ୮୯୧୭୩୭୭୯୮୭


# ପଖାଳ ଦିବସର ତାତ୍ପର୍ଯ୍ୟ



**ଇଂ. ପ୍ରତ୍ୟୁଷ କୁମାର ବେହେରା**



ଭାରତର ପୂର୍ବାଞ୍ଚଳ ରାଜ୍ୟ ବିଶେଷ ଭାବେ ଆମ ଓଡ଼ିଶା ଲୋକଙ୍କ ପ୍ରମୁଖ ଖାଦ୍ୟ ହେଉଛି ପଖାଳ। ଓଡ଼ିଶାରେ କୋଣ ଅନୁକୋଣରେ ପଖାଳ ପ୍ରତି ବିଶେଷ ଭଲ ପାଇବା ରହିଛି। କେବଳ ଆମ ରାଜ୍ୟ ନୁହେଁ ବରଂ ବିଦେଶରେ ରହୁଥିବା ଆମ ଭାଇ ଭଉଣୀ ମଧ ଏହାକୁ ନିଜେ ଖାଇବା ସହିତ ବିଦେଶୀଙ୍କୁ ପଖାଳର ସ୍ୱାଦ ଜଣାଉଛନ୍ତି। ଭାତରେ ପାଣି ମିଶାଇ ରନ୍ଧା ହେବା ପରେ ଖାଇଲେ ତାହାକୁ ଚାଇଁ ପଖାଳ। ସେହିଦିନ ତାକୁ ଖାଇଲେ ସଜ ପଖାଳ କୁହାଯାଏ। ମାତ୍ର ଭାତକୁ ବତୁରାଇ ପରଦିନ ଖାଇଲେ ତାହା ବାସି ପଖାଳ ହୋଇ ଖିଆ ଯାଇଥାଏ।

ପଖାଳର ଇତିହାସକୁ ଯଦି ଆମେ ଖୋଜିବା ତେବେ ଏହା କେବଳ ଓଡ଼ିଶା ପ୍ରଦେଶରେ ହିଁ ପ୍ରମୁଖ ଖାଦ୍ୟ ରୁପେ ଲୋକପ୍ରିୟ ଓ ପ୍ରାଚୀନ। ବର୍ତ୍ତମାନ ଅବଶ୍ୟ ଏହା ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିଲାଣି। ସବୁ ତାରକା ହୋଟେଲ ମାନଙ୍କରରେ ଏହାବେଶ ଚାହିଦା ରହିଛି। ସେ ସମସ୍ତ ହୋଟେଲ ମାନଙ୍କରେ ମାଟି ପାତ୍ର, କଂସାପାତ୍ରରେ ଓଡ଼ିଆ ଘରେ ପରଷିଲା ଭଳି ବଡ଼ି ଚୁରା, ବିଭିନ୍ନ ଚଟୁଣି, ଶାଗ, ଦହି, କାକୁଡ଼ି ତା ସହିତ ରୁଚି ମୁତାବକ ଅନ୍ୟ ସୁସ୍ୱାଦୁ ତରକାରୀ ମଧ ପ୍ରସ୍ତୁତ କରି ଦେଉଛନ୍ତି। ଆମ ରାଜ୍ୟର ପ୍ରମୁଖ ଖାଦ୍ୟ ହୋଇଥିବା ବେଳେ, ପଶ୍ଚିମବଙ୍ଗରେ ପନ୍ତଭାତ୍, ଆସାମରେ ପୋଇତା ଭାତ, ଛତିଶଗଡ଼ରେ ବୋରେ ଭାତ, ଭୋଜପୁରୀରେ ମାରା ଭାତ, ମାଲାୟାଲାମରେ ବଲ୍ଲୁ ଚୋରୁ, ଝାଡଖଣ୍ଡରେ ପାନି ଭାତ ଓ ଗୁଜୁରାଟରେ ପଖାଲ୍ ଭାତ ବୋଲି କୁହନ୍ତି।

ପଖାଳ ଶ୍ରୀ ଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ। ବଡ଼ସିଂହାର ବ୍ୟଞ୍ଜନ ପରିବେଷଣରେ ବିଭିନ୍ନ ବ୍ୟଞ୍ଜନ ରହିଥିଲେ ମଧ ଘିଅ ପଖାଳ ଭୋଗ ରହେ। ମହାପ୍ରଭୁଙ୍କ ବଡପଣିଆ ପ୍ରତିପାଦିତ କରିବାକୁ ଯାଇ ଓଡ଼ିଆ ଲୋକ କଥା କଥାରେ ଥଟ୍ଟାକରି କୁହନ୍ତି 'ପଖାଳେ ଭାତେ ଘି, ତୋ ବୋପା ଖାଇଥିଲା କି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନେଗୁଡ଼ିଏ ପଖାଳ ଭୋଗ ଅର୍ପଣ ହୁଏ ଯଥା ସୁବାସ ପଖାଳ, ଚିପୁଡ଼ା ପଖାଳ, ପାଣି ପଖାଳ, ଦହି ପଖାଳ, ମିଠା ପଖାଳ, ମଲ୍ଲିଫୁଲ ପଖାଳ, ଟଭା ପଖାଳ ଓ ଘିଅ ପଖାଳ ଆଦି ଲାଗି ହୋଇଥାଏ। ଅକ୍ଷୟ ତୃତୀୟାଠାରୁ ସ୍ନାନ ଯାତ୍ରା, ବିଭିନ୍ନ ଯାନିଯାତ୍ରା ସମୟରେ ଠାକୁରଙ୍କ ପାଖରେ ଭିନ୍ନ ଭିନ୍ନ ପଖାଳ ଭୋଗ ଲାଗେ। ପଖାଳରୁ ପ୍ରସ୍ତୁତ ଟଙ୍କ ତୋରାଣି ଭକ୍ତଙ୍କ ଅତି ପ୍ରିୟ।

ବିଶେଷଭାବେ ଅନୁଶୀଳନ କରିଲେ ପଖାଳରେ ଅନେଗୁଡ଼ିଏ ଔଷଧୀୟ ଗୁଣ ରହିଛି। ପଖାଳ ଖାଇଲେ ରକ୍ତ ଚାପ, ମଧୁମେହ ନିୟନ୍ତ୍ରିତ ହୁଏ, କୋଷ୍ଠକାଠିନ୍ୟ ଦୂର ହୁଏ, ନିଦ ଭଲ ହୁଏ। ଏଥିରେ ଲୌହସାର, ପଟାସିୟମ, କ୍ୟାଲସିୟମ ସହ ଭିଟାମିନ A୬ ଏବଂ A୧୨ ଅଛି। ପଖାଳରେ ଥିବା (ପ୍ରୋବାୟଟିକସ୍) ମଣିଷର ବାର୍ଦ୍ଧକ୍ୟ ଜନିତ ରୋଗର ଉପଶମ ନିମିତ୍ତ ବହୁ ଦରକାରୀ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ପଖାଳରେ ଶତକଡ଼ା ୨୮ ଭାଗ ଭିଟାମିନ ରହିଛି। ପଖାଳ ତୋରାଣିରେ ପାକସ୍ଥଳୀର ସମସ୍ତ ରୋଗ ନାଶ କରିବା ଶକ୍ତି ରହିଛି। ଗର୍ଭବତୀ ମହିଳାମାନଙ୍କ ନିମିତ୍ତ ପଖାଳ ଅତି ଉପଯୋଗୀ। ଗର୍ଭବତୀ ସ୍ୱାସ୍ଥ୍ୟରକ୍ଷା ସହିତ ଗର୍ଭପାତରୁ ମଧ ରକ୍ଷା କରେ।

ଆମ ଓଡ଼ିଆ ସାହିତ୍ୟରେ ପଖାଳର ପ୍ରସିଦ୍ଧି ବିଷୟରେ ଅନେଗୁଡ଼ିଏ ତଥ୍ୟ ଓ ରଚନା ରହିଛି। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର ଗୀତି କବିତା 'ଓଡ଼ିଆ ଜୀବନ ଦୁଆ ଶାଗ ପଖାଳ, ଜଗନ୍ନାଥ ରସୀ ଖାଏ ମନେ ତୁ ଭାଳ। ଚାଖି ନାହିଁ ଯିଏ ଥରେ, ଧିକ୍ ତା ଜନମରେ, ମଣିଷ ଯାକରେ ସେତେ ଅଣ ପୁରୁଷା, ଆସ ଜୀବନ ଧନ ମୋର ପଖାଳ କଂସା'।। ସୁଗାୟକ ବାଳକୃଷ୍ଣ ଦାସଙ୍କ କଣ୍ଠରେ ଓଡ଼ିଆ ମାନଙ୍କ ଦ୍ୱାରା ବହୁ ଭାବରେ ଆଦୃତ ହୋଇଥିଲା। ଭିନ୍ନ ଭିନ୍ନ ଋତୁରେ ପଖାଳ ଖାଇବା ମଜା ବି ଭିନ୍ନ ହୋଇଥାଏ। ଗରିବଙ୍କ ଠାରୁ ଧନୀ, ପିଲାଠୁ ବୃଦ୍ଧ ସଭିଙ୍କ ପ୍ରିୟ ଆମ ପଖାଳ। ଆସନ୍ତୁ ଆମେ ସମସ୍ତେ ନିଜର ପ୍ରିୟ ଖାଦ୍ୟକୁ ସମସ୍ତଙ୍କ ସହିତ ମିଶି ପଖାଳ ଖାଇବା ଓ ପଖାଳ ଦିବସ ପାଳନ କରିବା।


+ଅଧ୍ୟାପକ,ବାଲେଶ୍ୱର
ମୋ: ୭୫୦୪୦୮୧୮୬୩





## ସେ

**ନୂତନ କୁମାର ବେହେରା**



ଅହଂପଣ ହୃଦୟରେ
ବାନ୍ଧିଥିଲେ ବସା
ସବୁକୁ ହାତରେ ମୁଠେଇ ଧରିବାକୁ
ଜଣେ କରିଥାଏ ତା' ମନରେ ଆଶା
ପ୍ରାଧାନ୍ୟ ଦିଏ ନାହିଁ ଅନ୍ୟକୁ
କହେ କ'ଣ ଦରକାର 'ସେ' କିଏ
ସେ ତ ତୃତୀୟ ପୁରୁଷ
ଉପେକ୍ଷା କରେ ଆଘାତ ଦିଏ
ଭାବେନା ସେ...

'ସେ' ବି ତ ତା' ପରି
ଜୀବନ ଜୀବନ ଭିତରେ
ଖୋଜୁଥାଏ କେତେ କ'ଣ ଅଛି ଫରକ
ବିଚାର କରେନା ନିରପେକ୍ଷତାରେ
ବାଦ ବିବାଦର କୋଳାହଳରେ
ତା' ମାନସିକତା ଠିକ୍
ଠଉରେଇ ପାରେନା

'ସେ' ଭିତରେ ମଧ 'ମୁଁ' ଅଛି
ନବୁଝି ଏଡ଼ି ଯାଏ ତାର ସବୁ ସମ୍ଭାବନା
ସେ ତୁମେ ମୁଁ...ତ୍ରିଧାରାର ପ୍ରବାହରେ
ଜୀବନର ଗତି ସ୍ଥିତି ଓ ପ୍ରଗତି
ତିନି କାଳ... ଅତୀତ ବର୍ତ୍ତମାନ
ଭବିଷ୍ୟତ
ଏକ ବ୍ରହ୍ମରୁ ଏ ତିନିର ବିଭକ୍ତି
ସୂକ୍ଷ୍ମ ଭାବରେ ଅଛି ତାଙ୍କର ଦୃଢ଼
ସଂପର୍କ
ଶରୀର ମନ ପ୍ରାଣ ପରି ଏ ତିନି
ଶବ୍ଦ ଭାବ ଭାବନାରେ ହୁଅନ୍ତି ଭିନ୍ନ
ଭିନ୍ନ
ଦିବ୍ୟ ଚେତନାର ବିଶେଷ ସତ୍ତା
ନିୟତିର ନିୟମରେ ଥା'ନ୍ତି ସଂଲଗ୍ନ
ସେ କ'ଣ କେବେ ମୁଁ ଠାରୁ
ଅବା ତୁମ ଠାରୁ ହୋଇପାରେ ଭିନ୍ନ

ଅସ୍ତିତ୍ୱ ମଧ୍ୟରେ ନାସ୍ତି
ଆଣେ ସମସ୍ୟା ହୁଏ ବିଷମ ପରିସ୍ଥିତି
ତୁମ ପରି ମୋ ପରି ସେ ମଧ
ଅନୁଭବ କରେ ଯେ ଧ୍ୟାନ ପୂର୍ବକ
ଚିନ୍ତି
ପାଏ ଶାନ୍ତି ହୁଏ ତୃପ୍ତ
ସାରା ସଂସାର ତା ପାଇଁ ମୁକ୍ତ
ସେ ସିନ୍ଧୁ ଭିତରର ବିନ୍ଦୁ
ମହାନ ଶକ୍ତିର ସଂଯୋଗରେ ସଶକ୍ତ
ସେ ଏଇଥି ପାଇଁ ତୃତୀୟ ପୁରୁଷ
କାରଣ ପ୍ରତ୍ୟକ୍ଷ ପରୋକ୍ଷରେ
ହୁଏ ଯେତେ ସବୁ ଦୃଶ୍ୟ ଅଦୃଶ୍ୟ
ସେଇ 'ସେ' କରନ୍ତି ତାଙ୍କ
ଇଙ୍ଗିତରେ...।


+କୋହି,ବାରିପଦା,ମୟୂରଭଞ୍ଜ,
ମୋ:୮୦୧୮୩୫୩୩୨୨


## ଚରିତ୍ର

**ପଣ୍ଡିତ ବିନୟ କୁମାର ମିଶ୍ର**

ଦାନ ପରି ନାହିଁ ସଂପତ୍ତି ଜଗତେ
ଲୋଭ ପରି ରୋଗ ନାହିଁ,
ଉତ୍ତମ ସ୍ୱଭାବ ପରି ଆଭୂଷଣ
ହୀରା ସୁନା ହେବ କାହିଁ,
ସନ୍ତୋଷ ପରି ଯା ସୁଖ,
ଯିଏ ଅନୁଭବୀ ସେ କହି ପାରିବ
ଏଥିରେ ଅଛି ଯା ସୁଖ ।

ଜୀବନରେ ଗୁରୁ ନିଜର ଦୋଷଟି
ଶିଖାଏ ଅନେକ ନୀତି,
ପ୍ରତି ପତନଟି ଅଟଇ ସୋପାନ
ଶିକ୍ଷାରେ ଆଣେ ଉନ୍ନତି,
ବାଟ ସଜାଡ଼େ ଝୁଣ୍ଟିବା,
ଭୁଲ କିଏ ଅବା କରୁନାହିଁ କହ
ପଡିବାରୁ ଯେ ଚାଲିବା ।

ଆଜି ଯେ କହଇ ନାହିଁ ନାହିଁ
ବୋଲି କାଲି ହଁ କରେ ସିଏ,
ଯେଉଁ କଥାଟାକୁ କରିବିନି କହେ
ଶପଥ ରାଣ ପକାଏ,
ସେହି କଥା କରିଥାଏ,
କଳା ବାଳା ଠାରୁ ଉତ୍ତମ କରଇ
ଇତିହାସ ଲେଖିଦିଏ ।

ଆଜି ପାଦେ ଚାଲ କାଲି ଦଶ ପାଦ
ସବୁଦିନ ଚାଲି ଶିଖ,
ଲକ୍ଷ୍ୟ ସ୍ଥଳେ ନିଶ୍ଚେ ଦିନେ ପହଞ୍ଚିବ
ମନରେ ସାହସ ରଖ,
ଯଦି ମଧ୍ୟେ ଅଟକିବ,
ସପନଟା ତୁମ ମିଛ ହୋଇଯାଇ
ଜୀବନକୁ ଦୁଃଖ ଦେବ ।

କରିବାକୁ କିଛି ଜୀବନରେ ତୁମ
ମନରେ ସଂକଳ୍ପ କର,
ଅସମ୍ଭବ ଦିନେ ସମ୍ଭବ ହୋଇବ
ସମସ୍ୟା ହେଲେ ନ ଡର,
ଭଲ କର୍ମ ସଦା କର।
ଉଦ୍ୟମ କରିଲେ ସିଦ୍ଧି ହୋଇଯିବ
ଚରିତ୍ର ହୋଇଲେ ଭଲ ।


କବିକେଶରୀ,କର୍ମକାଣ୍ଡରତ୍ନ
ମଲ୍ଲିପୁର
ଗଡ଼ ନିଆଳ, ଖୋର୍ଦ୍ଧା








ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୫୭



ଡ. ସିନ୍ଧୁ ସେନ୍

ତାଙ୍କ ସହ ଶତ୍ରୁତା କରିବା ଅର୍ଥ ଜାଣିଶୁଣ ନିଜ ମୃତ୍ୟୁକୁ ନିମନ୍ତ୍ରଣ କରିବା । ଏଥିରେ କେବଳ ମୋର ତ ଏକାକୀ ନୁହେଁ ବରଂ ସାରା ରାକ୍ଷସ ବଂଶ ଲୋପ ପାଇବାର ମଧ୍ୟ ସମ୍ଭାବନା ରହିଛି । ତେଣୁ ମୁଁ କ'ଣ କରିବି ସୀତାଙ୍କୁ ଅପହରଣ କରିବି ନା ନାହିଁ । ଯଦି କରିବି କେମିତି କରିବି ? କେଉଁ ଉପାୟ ଅବଲମ୍ବନ କଲେ କାର୍ଯ୍ୟରେ ମୁଁ ସିଦ୍ଧି ଲାଭ କରିବି ? ଏମିତି ଅନେକ ଦୁଶ୍ଚିନ୍ତା ମୋତେ ଭାରାକ୍ରାନ୍ତ କରି ତୋଳୁଥିଲା ।

ପରମୁହୂର୍ତ୍ତରେ ଭାବିଲି ରାମ ଯଦି ଦିବ୍ୟାସ୍ତ୍ରର ଅଧିକାରୀ ମହାପରାକ୍ରମୀ ମୁଁ ନିଜେ ତ କିଛି କମ୍ ନୁହେଁ । ମୁଁ ବି ଦୁର୍ବଳ ନୁହେଁ । ଦିବ୍ୟସତ୍ତା ଧାରୀ । ବ୍ରହ୍ମାଙ୍କ ବରରେ ବଳୀୟାନ୍ । କୁମ୍ଭକର୍ଣ୍ଣ, ବିଭୀଷଣ ଭଳି ଭାଇ ରହିଛନ୍ତି ମୋ ପଛରେ । ପୁଣି ଇନ୍ଦ୍ରଙ୍କ ଉପରେ ବିଜୟ ଲାଭ କରିଥିବା ବୀରପୁତ୍ର ଇନ୍ଦ୍ରଜିତ, ହଜାର ହଜାର ରାକ୍ଷସ ସେନାବାହିନୀ । ମୋର ତେଣୁ ଭୟ କ'ଣ ପାଇଁ ? କାହିଁକି ମୁଁ ମୋ ନିଜ ମନର ଦୁର୍ବଳତା ପାଇଁ ଏସବୁ ଭାବି ଯାଉଛି ସିନା ନହେଲେ ମୋ ନିକଟରେ କ'ଣ ନାହିଁ ? ମୋ ନାମରେ ଚାରିଦିଗରେ ବିଶ୍ୱବିଜୟୀର ବାଜା ବାଜୁଛି । ରାମଙ୍କୁ ଜୟ କରିବା ମୋ ନିକଟରେ ଶୋଭା ପାଏନା । ତାଛଡ଼ା ମୁଁ ଯେଉଁଠି ବିଶ୍ୱବିଜୟୀ ପରାକ୍ରମୀ ଲଙ୍କେଶ୍ୱର ରାବଣ । ରାମ ସେଠି ରାଜ୍ୟତ୍ୟାଗୀ ବନବାସୀ । ସେ ମୋର କ'ଣ ବା କ୍ଷତି କରିପାରିବେ ? ବାସ୍ତବରେ ଭୟ ତ କେବଳ ମନର ଦୁର୍ବଳତା ମାତ୍ର । ବରଂ ମୋର ଗର୍ବ କରିବାର କଥା ଯେ ମୁଁ ରାମଙ୍କ ଭଳି ଜଣେ ବୀର ପରାକ୍ରମୀଙ୍କ ସହ ଶତ୍ରୁତା କରିବାକୁ ଯାଉଛି । ମୋର ତେଣୁ କାହାରି ସହ ଆଉ ଏ ବିଷୟରେ ପରାମର୍ଶ କରିବାର ଆବଶ୍ୟକତା ନାହିଁ । ମୋତେ ନିଜକୁ ହିଁ ସବୁ କରିବାକୁ ପଡ଼ିବ । ନିଜ ମନକୁ ଦୃଢ଼ ନିଶ୍ଚିତ କରିନେଲି ଏ ବିଷୟରେ ଆଗକୁ ଆଉ କାହାରି କଥା ଶୁଣିବିନି କି କାହାରି ଉପଦେଶ ମାନିବିନି । ସୀତାଙ୍କ ଅପହରଣ ନିଷ୍ପତ୍ତିରେ ମୁଁ ଅଟଳ ରହିବି । ହଁ ଯେମିତି ହେଉ, କଳେବଳେ କୌଶଳେ ମୋତେ ସୀତାଙ୍କୁ ଅପହରଣ କରିବାକୁ ନିଶ୍ଚୟ ହେବ ।

ଏସବୁ ବିଷୟ ଗଭୀର ଭାବେ ଚିନ୍ତା କରିବା ପାଇଁ ରୁଦ୍ଧ ଘରେ ଏକାଏକା କିଛି ସମୟ ଅତିବାହିତ କଲି । ଅନେକ ଭାବିଲି, କେମିତି କ'ଣ କଲେ କାର୍ଯ୍ୟରେ ସିଦ୍ଧିଲାଭ କରିବି, ସେ ବିଷୟରେ ନିରୋଳାରେ ଚିନ୍ତାକଲି ବିଭୀଷଣ ଓ ମୋର ଆଉ କିଛିଜଣ ସହକର୍ମୀ ମୋତେ ବିରୋଧ କରୁଥିଲେ । ସୀତାହରଣ ନକରିବା ପାଇଁ ଅନୁନୟ କରୁଥିଲେ । ତେଣୁ ଠିକ୍ କଲି କାହାକୁ କିଛି ନଜଣାଇ ସୀତାହରଣ କାର୍ଯ୍ୟଟି ମୋତେ ଏକାକୀ କରିବାକୁ ପଡ଼ିବ । ଯେତେବଡ଼ ଅନ୍ୟାୟ ହେଉନା କାହିଁକି ସେ ପାପରୁ ବୋଝକୁ ଏକୁଟିଆ ମୁଣ୍ଡେଇବାକୁ ନିଜକୁ ପ୍ରସ୍ତୁତ କରିନେଲି । ଠିକ୍ କଲି, କାହାକୁ କିଛି ନ ଜଣାଇ ଗୁପ୍ତରେ ଏ କାର୍ଯ୍ୟଟି ସଫଳ କରିବାକୁ ପଡ଼ିବ । ସୂର୍ପଣଖା ଠାରୁ ପଞ୍ଚବଟୀ ଆଶ୍ରମର ଠିକଣା ବୁଝି ନେଇଥିଲି । ନିଜ ହାତ ତିଆରି ପର୍ଣ୍ଣକୁଟୀରରେ ବେନିଭାଇ ସୀତାଙ୍କ ସହ ରହୁଥିଲେ । ଖୁବ୍ ନିରାଡ଼ମ୍ବର ଜୀବନଯାପନ କରୁଥିଲେ । ଅରଣ୍ୟର ଫଳମୂଳ ଭକ୍ଷଣ କରି ସଂପୂର୍ଣ୍ଣ ସନ୍ନ୍ୟାସୀ ବେଶରେ ଜୀବନଯାପନ କରୁଥିଲେ । ଭାବୁଥିଲି, ଏମିତି କ'ଣ ସେମାନଙ୍କ ନିକଟରେ ବିଶେଷତଃ ରହିଛି ଯେ, ମୁଁ ସେମାନଙ୍କୁ ଭୟ ରିବି । ବରଂ ସେମାନଙ୍କର ମୋତେ ତ ଭୟ କରିବାର କଥା । ମୋର ଏ କୁତ୍ସିତ ରାକ୍ଷସ ରୂପ, ଢିମାଢିମା ଚକ୍ଷୁ, ଉନ୍ନତ ନାସା, ସବୁ ଦୃଷ୍ଟିରେ ଭୟଙ୍କର । ତାଛଡ଼ା ମୋ ହାତରେ ପରଶୁ, ନାନାଦି ଅସ୍ତ୍ର । ଏସବୁ ଦେଖିଲେ ଯେ କେହି ମୋତେ ଭୟ କରିବେ । ଅଥଚ ରାମ, ଲକ୍ଷ୍ମଣଙ୍କର ସାମ୍ୟ ରୂପକାନ୍ତି, ସରଳ ବେଶଭୂଷା, ଜଟାଧାରୀ ଶାନ୍ତ, ନମ୍ର ଚେହେରା, ଏଥିରେ ଭୟର ପ୍ରଶ୍ନ ଉଠୁଚି କାହିଁକି ? ନା ନା ମୋ ଭିତରୁ ଭୟ ନାମକ ଶବ୍ଦଟିକୁ ମୋତେ ବାହାର କରିଦେବାକୁ ପଡ଼ିବ । ମୁଁ ରାଣ, କାହାରି ଇଂଗିତରେ କେବେ ପରିଚାଳିତ ହୋଇପାରେନା, କି କାହାରି ବଶତା ସ୍ୱୀକାର କରିପାରେନା, ମୋର ନିଜସ୍ୱ ନିଷ୍ପତ୍ତି ହିଁ ଶ୍ରେଷ୍ଠ ନିଷ୍ପତ୍ତି ।

ଆଜି ତେଣୁ ରଣଭୂମିରେ ରକ୍ତାକ୍ତ ଶରୀରକୁ ଦେଖି ଅତୀତ ମୋ ମନରେ ଉଙ୍କି ମାରୁଛି । ସେଦିନ ଯଦି ରାମଙ୍କୁ ଭୟ କରି ସୀତାହରଣ କରି ନଥାନ୍ତି । ତେବେ ମୁଁ ସେଇଠି ଅଟକି ଯାଇଥାନ୍ତି । ଆଉ ମୋ ଜୀବନର ଗତିପଥ ବଦଳି ଯାଇଥାନ୍ତା । କିନ୍ତୁ ଏବେ ଭାବୁଛି ମୁଁ ଯାହା କିଛି କରିଥିଲି, କିଛି ଭୁଲ୍ କରି ନଥିଲି । ଜନ୍ମ ଯଦି ସତ୍ୟ, ତେବେ ମୃତ୍ୟୁ ମଧ୍ୟ ଚିର ସତ୍ୟ । ଦିନେନା ଦିନେ ମୃତ୍ୟୁକୁ ମୋତେ ଭେଟିବାକୁ ପଡ଼ିବ । ମୃତ୍ୟୁ ସହ ଲଢ଼ିବାକୁ ପଡ଼ିବ । କିନ୍ତୁ ମୋର କ'ଣ ଲକ୍ଷ୍ୟ ଥିଲା ମୋକ୍ଷପ୍ରାପ୍ତି । ଆଉ ଏହି ମୋକ୍ଷତ୍ୱ ପାଇଁ ତମାମ ଜୀବନ ତ ମୋର ସଂଘର୍ଷ ମଧ୍ୟରେ କଟିଥିଲା । ସେଦିନ ଯଦି ମୁଁ ସୀତାହରଣ କରିନଥାନ୍ତି ତେବେ ରାମଚନ୍ଦ୍ର ବା କାହିଁକି କଷ୍ଟକରି ଲଙ୍କାକୁ ଆସିଥାନ୍ତେ । ମୋ ସହ ଯୁଦ୍ଧ କରିଥାନ୍ତେ । ସେ ସୁଯୋଗ କ'ଣ ମୋତେ କେବେ ମିଳିଥାନ୍ତା । ବରଂ ସୀତାହରଣ ପାଇଁ ତ ମୋତେ ପ୍ରଭୁ ଶ୍ରୀରାମଙ୍କ ସାକ୍ଷାତ ମିଳିଲା । ଯେଉଁଥିପାଇଁ ମୋକ୍ଷର ଦ୍ୱାର ମୋ ପାଇଁ ଉନ୍ମୁକ୍ତ ହୋଇ ଯାଇଥିଲା ।

ହେ ପ୍ରଭୁ ଶ୍ରୀରାମ, ନାମରେ ଯିଏ ଯେତେ କଳଙ୍କ ବୋଳନ୍ତୁ ନା କାହିଁକି, ତୁମେ ହିଁ ତ ସବୁ କାରଣର କାରଣ । ତୁମେ ହିଁ କେବଳ ଜାଣ, ମୁଁ ଯାହା କରିଛି ଠିକ୍ କରିଛି କି ଭୁଲ୍ କରିଛି । ମୋର ଏ ନଶ୍ୱର ଶରୀର ମାଟିରେ ଲୀନ ହୋଇ ଯାଇପାରେ । ହେଲେ ମୋ ଜୀବନର କାହାଣୀରୁ ଆଗାମୀ ପିଢ଼ି ତ କିଛି ଶିକ୍ଷାଲାଭ କରିପାରିବ । ନିଜ ଜୀବନକୁ ନିଜକୁ ହିଁ ଗଢ଼ିବାକୁ ପଡ଼ିବ । ନିଜ ପାଇଁ ବାଛିବାକୁ ପଡ଼ିବ ସଠିକ୍ ରାସ୍ତା କେଉଁଟା । ମୋକ୍ଷତ୍ୱକୁ ଜୀବନର ଲକ୍ଷ୍ୟ ଭାବି ତା ପାଇଁ ନିରନ୍ତର ଚେଷ୍ଟା କରିବାକୁ ପଡ଼ିବ । ପ୍ରତ୍ୟେକେ ଜନ୍ମନେଇ ଆସିଥାନ୍ତି ଏକା । ମୃତ୍ୟୁଲୋକକୁ ଯାଆନ୍ତି ମଧ୍ୟ ଏକା । ଆଉ ଏହି ଏକାକୀତ୍ୱ ହିଁ ଅନେକ ଶିକ୍ଷା ଦିଏ । ଜ୍ଞାନ ବଢ଼ାଏ, ଏତିକି ତ କହିପାରିବି, ମୋ ଜୀବନର ଶେଷାନ୍ତେ ମୋ ଆତ୍ମଜ୍ୟୋତି ଯେବେ ଊର୍ଦ୍ଧ୍ୱକୁ ଉଠିବ ସେ ଜ୍ୟୋତିର ଶିଖା ଆଗାମୀ ଯୁଗ ପାଇଁ ଏକ ଦୁରନ୍ତଶିଖା ରୂପେ ଅନ୍ୟମାନଙ୍କ ପାଇଁ ପାଲଟିଯିବ ଦୃଷ୍ଟାନ୍ତଟିଏ, ସେଦିନ ହିଁ ସମସ୍ତେ ବୁଝିପାରିବେ, ରାବଣ କିଏ ? କାହିଁକି ? କ'ଣପାଇଁ ? ଏତେ ରୁକ୍ଷ, କଠୋର, ନିର୍ଦ୍ଦୟ । ଆଉ ତାର ସେଇ ରୁକ୍ଷତା, କଠୋରତା ତଳେ ଚାପି ହୋଇ ଯାହାକିଛି ରହିଯାଇଥିଲା । ତାହାହିଁ ତାର ଅସଲ ପରିଚୟ । ମୋର ତେଣୁ ନିଜସ୍ୱ ଜୀବନକୁ ନେଇ ଆଦୌ ଦୁଃଖ ନାହିଁ । ବରଂ ଅନେକ କିଛି ପ୍ରାପ୍ତିରେ ମୁଁ ଆତ୍ମହରା । ଏବେବି ମୋର ରୁଧିରାକ୍ତ ଶରୀରରୁ ରକ୍ତକ୍ଷରଣ ବନ୍ଦ ହୋଇନି । ମୋର ଆତ୍ମକାହାଣୀ କହିବା ମଧ୍ୟ ସରିନାହିଁ । ହେ ପ୍ରଭୁ, ଏତିକି ଦୟାକର, ମୋ କାହାଣୀକୁ ଶେଷ କରିବାପାଇଁ ଆଉ କିଛି ସମୟ ଦିଅ । (କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୮୩ ॥

ହିମାଳୟର ନିକଟବର୍ତ୍ତୀ ଅଞ୍ଚଳରେ ଏହି ସାମ୍ରାଜ୍ୟ ପ୍ରତିଷ୍ଠିତ ହୋବ। (ଏହା ବର୍ତ୍ତମାନର କାଶ୍ମୀର ଅଂଚଳରେ ସ୍ଥାପିତ ହୋଇଥିବା ସମ୍ଭବ।) ଏହିଠାରେ ତୁମର ପିତା ଯୋଗ ସାଧନ କରିଥିଲେ ଓ ଏହି ଶୁଷ୍କ ଭୂମିରେ ଏକ ହ୍ରଦ ପ୍ରବାହିତ କରିଥିଲେ। ଏହି କାଶ୍ମୀରରେ ହିଁ କଶ୍ୟପ ଋଷି ପ୍ରଥମେ ସୃଷ୍ଟିର ତତ୍ତ୍ୱ ପାଇବା ପାଇଁ ତପସ୍ୟା ସାଧନ କରିଥିଲେ। ତେଣୁ କଶ୍ୟପଙ୍କ ନାମ ଅନୁସାରେ ଏହି ସ୍ଥାନର ନାମ କାଶ୍ମୀର ହୋଇଥିଲା। ଏହି ସ୍ୱର୍ଗଭୁବନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏବଂ ପ୍ରାକୃତିକ ପରିଖା ଦ୍ୱାରା ନିଜର ନିରାପତ୍ତା ରକ୍ଷା କରୁଛି। '(ଆଧୁନିକ ଦିଲ୍ଲୀ ପର୍ଯ୍ୟନ୍ତ ମଧ୍ୟ ସେମାନଙ୍କର ସାମ୍ରାଜ୍ୟ ବିସ୍ତୃତ ରହିଥିଲା ଏବଂ ଏଠାରେ ସେମାନଙ୍କର ବସତି ସ୍ଥାନ ମାନ ମହାଭାରତରେ ଇନ୍ଦ୍ରପ୍ରସ୍ଥ, ବରୁଣ ପ୍ରସ୍ଥ ଆଦି ନାମରେ ବର୍ଣ୍ଣିତ। କାଳକ୍ରମେ ହୁଏତ ଏହି ସ୍ଥାନ ଗୁଡିକ ଜଙ୍ଗଲ, ଅରମା ପୂର୍ଣ୍ଣ କ୍ଷୁଦ୍ର,କ୍ଷୁଦ୍ର ଗ୍ରାମରେ ପରିଣତ ହୋଇ ଯାଇଥିଲା। ଉତ୍ତରା ଖଣ୍ଡ ରେ ଅଳକା ନନ୍ଦା ନଦୀ କୂଳରେ ଭୂମି ଶସ୍ୟ ଶ୍ୟାମଳ ଥିଲା,ଏଠାରେ ଏକ ସ୍ୱର୍ଣ୍ଣ ଖଣି ଥିଲା ଓ ଯକ୍ଷ ରାଜ କୁବେର (ଯକ୍ଷ ଜାତିର ରାଜାଙ୍କ ଉପାଧି,୧୦୦୦ ବର୍ଷ ପରବର୍ତ୍ତୀ ସମୟ। ଜ୍ୟାମିତିକ ମାପର ଚିତ୍ର ଏମାନଙ୍କ ପ୍ରତୀକ) ସହ ଗୁହ ମାନେଏଠାରେ ବାସ କରୁଥିଲେ। ଯକ୍ଷ ମାନେ ବହୁତ ସ୍ୱର୍ଣ୍ଣର ଅଧିକାରୀ ଥିଲେ। ପିଲାଦିନେ ଶୁଣିଥିଲି ସୁନା ବହୁଦିନ ମାଟି ତଳେ ରହିଲେ ଏହା ଜଖ ହୋଇ ବୁଲେ। ତାକୁ ଦେଖି ସାଙ୍ଗେ, ସାଙ୍ଗେ ତା ଉପରେ ପରିସ୍ରା କରିଦେଲେ ସୁନା ମୁଣ୍ଡା ହୋଇଯାଏ। ବହୁତ ଲୋକ ଏପରି ଜଖ ପାଇ ଧନୀ ହୋଇଥିଲେ ବୋଲି ଶୁଣିଛି।ଏହି ଜଖ ହିଁ ଯକ୍ଷ ଶବ୍ଦର ଅପଭ୍ରଂଶ) ଶିବ କୈଳାସ ପର୍ବତ ରେ ବାସ କରୁଥିଲେ। ବ୍ରହ୍ମା ଓ ପୁତ୍ର ମାନେ ବ୍ରହ୍ମାବର୍ତ୍ତ ରେ, ବ୍ରହ୍ମାଙ୍କର ପୁତ୍ର ମାନେ ବ୍ରହ୍ମପୁତ୍ର ନଦୀ କୂଳରେ ତପସ୍ୟା କରୁଥିଲେ। ବିଷ୍ଣୁ ବି ଏହି ମର୍ତ୍ତ୍ୟ ଲୋକରେ ଶ୍ୱେତ ଦ୍ୱୀପରେ ବାସ କରୁଥିଲେ । (ଏହା ରୁଷିଆର ଉପାନ୍ତ କିମ୍ବା ଚିତ୍ର କୁଟ ନିକଟରେ ପ୍ରବାହିତ ଧୂଆଁ ଧାର ଜଳ ପ୍ରପାତ ମଧ୍ୟରେ ଏକ ସ୍ଫଟିକ ଦ୍ୱିପ ହୋଇ ପାରେ।)ଜମ୍ବୁ ଦ୍ୱିପ ତିବ୍ବତର ସୁବର୍ଣ୍ଣଗିରି ପର୍ଯ୍ୟନ୍ତ ଥିଲା, ଉତ୍ତର ପଶ୍ଚିମରେ ଆର୍ଯ୍ୟା ବର୍ତ୍ତ।ବ୍ରହ୍ମା,ବିଷ୍ଣୁ ଏବଂ ଦେବଦେବ ଶିବଙ୍କର ଆସନ ଉଭୟ ଦେବ ତଥା ଦାନବ ମାନଙ୍କଠାରୁ ବହୁ ଉର୍ଦ୍ଧ୍ୱରେ ଥିଲା। ଆର୍ଯ୍ୟ ମାନେ ଦେ୍ୱତା ମାନଙ୍କର ସପକ୍ଷରେ ଥିଲେ ଏବଂ ସେମାନଙ୍କର ପ୍ରଜା ଥିଲେ। ଅର୍ଯ୍ୟମାଙ୍କ ବିବାହ ମାତୃକାଙ୍କ (ଜାଭା)ସହ ହୋଇଥିଲା ଓ ତାଙ୍କର ପୁତ୍ର ମାନେ ମନୁଷ୍ୟ ଜାତିର ଓ ଆର୍ଯ୍ୟ ନାମରେ ପ୍ରଖ୍ୟାତ ହେଲେ। ଏହି ଅଞ୍ଚଳ ପଞ୍ଜାବର ସପ୍ତ ସିନ୍ଧୁ ଅଞ୍ଚଳ ଥିଲା ଏବଂ ଆର୍ଯ୍ୟ ମାନେ ସେଠାରେ ବସବାସ କରୁଥିଲେ। ବିବସ୍ୱାନଙ୍କ ପତ୍ନୀ ସଂଜ୍ଞାଙ୍କଠାରୁ ଶ୍ରାଦ୍ଧଦେବ ବା ସତ୍ୟରୂପ, ଭାଗ୍ୟବତୀ, ଯାମୀ,ଯମ ଓ ଯମୁନା ଜନ୍ମ ହେଲେ। ଯାମୀ ବଡ଼ବାନଳ ରୂପରେ ଖ୍ୟାତ ହେଲେ। ତାଙ୍କଠାରୁ ଅଶ୍ୱିନୀକୁମାର ଜନ୍ମ ହେଲେ। ବିବସ୍ୱାନଙ୍କର ଦିତୀୟ। ପତ୍ନୀ ଛାୟାଙ୍କଠାରୁ ଶନିଶ୍ଚର ଓସାବର୍ଣ୍ଣି ମନୁ ଜାତ ହେଲେ। ପୁଣି ତପତୀ ନାମକ କନ୍ୟା ଜନ୍ମ ହୋଇ ସମ୍ବରଣଙ୍କୁ ବିବାହ କଲେ । ସ୍ୱର୍ଗର ରାଜା ତ୍ୱଷ୍ଟା,( ଯିଏ ଯୋଗ ବଳରେ ସ୍ୱର୍ଗ ଲୋକ ସୃଷ୍ଟି କରୁଥିଲେ ବୋଧେ) ଦୈତ୍ୟ କନ୍ୟା ରଚନାଙ୍କୁ ବିବାହ କଲେ । ତାଙ୍କର ଚାରି ପୁତ୍ର ବିଶ୍ୱରୂପ, ସନ୍ନିବେଶ ଆଦି । ଅଗ୍ନି ଧାରାଙ୍କୁ ବିବାହ କରିଥିଲେ। ସ୍ୱର୍ଗରେ ଆଉ କିଏ, କିଏ ବାସ କରୁଥିଲେ ? ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ




# ରାତି ଅଧକୁ ସପନ ଅଧା

ସୁନନ୍ଦା ମହାନ୍ତି

ଛଅ ଛଅଟା ଋତୁରୁ ତିନିଟା ଅନ୍ତତଃ ଅନୁଭୂତ ହେଉଥିଲା ଖରା ବର୍ଷା ଶୀତ ଯେ ଏବେ ଏଡ଼େ ବଡ଼ ଡ଼ିସେମ୍ବର ମାସରେ ମଧ୍ୟ ଶୀତର ଦେଖା ନଥିଲା। ଏଇ ବାତ୍ୟା ମିଗଜୋମ ପ୍ରଭାବରେ ଟିକେ ଦୁଇଦିନ ହେଲା ଶୀତ ପଡିଛି ଯେ ରେଜେଇ ଘୋଡ଼ି ହୋଇ ପଡ଼ିଛ କହୁ କହୁ ଦୁଆରେ କେହି କଲିଂ ବେଲ ମାରୁଥିଲା ତୁହାକୁ ତୁହା ତ ଉଠିଲେ ଆଭା ରେଜେଇ ଉଷୁମ ତଳୁ। କିଏ ଏମିତି ଅପେକ୍ଷା ନକରି କଲିଂ ବେଲଟା ମାରି ଚାଲିଛି କେଜାଣି ? ଏପଟୁ ସ୍ୱାମୀ କହୁଥିଲେ ହଉ ଦୁଆର ଖୋଲି ଉଷୁମ ପାଣି ଗ୍ଲାସେ ଧରି ଆସ। ଦୁଆର ଖୋଲି ଆଭା ଆଁ କରି ଅନେଇଛନ୍ତି। କଣ ରାତି ଶୋଇନୁ କି ଆଜି ବାସନ୍ତୀ ? ନା ସମୁଦ୍ରରେ ନିଆଁ ଲାଗଇ ଯାଇଥିଲୁ ? ? କାଳେ ନାହିଁ ବେଳେ ନାହିଁ ରାତି ପାହିଲେ ଗୋଠେ ଗାଇ ? ଆଜି ଏଡ଼େ ଚଞ୍ଚଳ କେମିତି ଆସିଲୁ ? ? ଗୁରୁବାର ସଂକ୍ରାନ୍ତି ସୁଧା ବାସନ ପଡିରହୁଛି ନଅଟା ଯାଏଁ, ଆଜି ସେମାନଙ୍କର କି ଭାଗ୍ୟ। ଶୀତ ସକାଳର ପ୍ରଥମ ସ୍ପର୍ଶ ପାଇବେ ତୋ ହାତର ଗରମ ସ୍ପର୍ଶରେ। ଏତେ କଥା କଣ କହୁଛ ଯେ ମାଆ ଆଜି ପରା ଭୋଜି ଅଛି। ତୁମ ଘର ତା ଘର ଆ ଘର କାମ ସାରି ସେ ହରିଆ ପରିବା ଦୋକାନରୁ ଛେଳି ମାନଙ୍କ ପାଇଁ କୋବି ଡାଙ୍ଗ, ମୂଳା ଶାଗ ଇତ୍ୟାଦି ନେଇ ସବୁଦିନ ଘରକୁ ଗଲା ବେଳକୁ ଦୁଇ ବାଜେ। ଆଜି ଭୋଜିଟା। ଏତେ ଡେରି କଲେ କେମିତି ହେବ। ହଁ ଆଜି ମତେ ଆଉ ସେ ପଖାଳ ଖାଇବା କଥା କହିବ ନାହିଁ। ସେଥିରେ ସବୁଦିନ ମୋର ଢେର ସମୟ ଯାଏ। ଦବ ଯଦି ଚା ଟିକେ ଦିଅ ଆଉ ବାବୁଙ୍କୁ ଯୋଉ ସ୍ନାକ୍ସ କି କଣ ଦିଅ, ସେଇଥିରୁ ଦୁଇ ଖଣ୍ଡ ଦିଅ। ମୁଁ ଖାଇଦେଇ ପାଇଟି କରି ଯାଏ ସଅଳ। ଆଜି ମତେ ଆଉ ନଡ଼ିଆ କୋରେଇବାକୁ କି ଶିଡି ପାହାଚ ଓଲେଇବାକୁ କହିବନି। ହଉ ହଉ କହି ଚା ବସେଇ ଉଷୁମ ପାଣି ସ୍ୱାମୀଙ୍କ ହାତରେ ଦେଇସାରି ଫେରିଆସି ଆଭା ପଚାରିଲେ କି ଭୋଜି ବା ତୋର ଆଜି କୋଉଠି ? ଚା ପିଉ ପିଉ ବାସନ୍ତୀ କହୁଥିଲା ସେଇ ଯୋଉ ବଡ଼ ପଡିଆ ନାହିଁ ସେଠି ପରା ଜନତା ଦଳ ଭୋଜି କରୁଛି। ଜନତା ଦଳ କିଏ ମ ? କେଜାଣି ମାଆ ସେଇ ଜନତା ଦଳ ବୋଲି ତ ମୋ ସାମୀ କହୁଥିଲା। ସେଇ ତ ଆମକୁ ଚାଉଳ ଦଉଛି ହଉ ହଉ ନେ ଚା ପି କହି ବାସନ କାଢିଲେ ଆଭା। ସଅଳ ସଅଳ କାମ ସାରି ବାସନ୍ତୀ କହିଲା ମୁଁ ଯାଉଛି ମାଆ। ଝଅଟ ଝଅଟ ନଗଲେ ସାମୀ ପା ବକିବ ମତେ ମାଆ। ହଉ ତୁ ଯା କହି ଦୁଆର ଦେଇ ନିଜ କାମରେ ଲାଗିଗଲେ ଆଭା। ସ୍ୱାମୀ କହୁଥିଲେ ଆଜି ରବିବାରରେ କଣ ବରାଦ ଲକ୍ଷ୍ମୀ ଠାକୁରାଣୀଙ୍କର ? ଆଭା କହିଲେ ଆଜି ମସଲା ମାଛ ଡାଲି ଭାତ ଶାଗ, ଆଉ କିଛି ନାହିଁ। ହଉ ଚଳେଇ ଦେବା କହି ସେ ମଧ୍ୟ ଶାଗ ବଛାରେ ଲାଗିଗଲେ।ଖିଆପିଆ ସରିବା ପରେ ମାଛ କଣ୍ଟାରେ ପାଖାଳ ଚିପୁଡ଼ି ଗୋଳାଉ ଗୋଳାଉ ଆଭା କହୁଥିଲେ ବାସନ୍ତିର ଆଜି ଭୋଜି, ଏ ପାଖାଳ ମାଛକଣ୍ଟା କୁକୁରକୁ ଦେଇ ତାର ଭୋଜି କରାଇନିଅ।

ଦିନ ସାରା ଘରର ଛୋଟ ମୋଟ କାର୍ଯ୍ୟରେ ବ୍ୟସ୍ତ ରହିବା ବେଳେ ଆଭା ଭାବୁଥିଲେ ବାସନ୍ତୀର ଜନତା ଦଳ ଭୋଜି ଖାଇବା କଥା ତ ସ୍ୱାମୀଙ୍କୁ ପଚାରିଲେ ଜନତା ଦଳ କିଏ ? ସ୍ୱାମୀ କହିଲେ ଯିଏ ହେଉ ସମସ୍ତେ ଜନତାଙ୍କ ପାଇଁ ଜନତାଙ୍କ ଦ୍ୱାରା ଜନତାଙ୍କର। ସମସ୍ତଙ୍କ ସମାନ ଇସ୍ତାହାର, ଆମେ ଜନତାର।। ଜନତା ଆମର। ତାଙ୍କର ସବୁବେଳେ ଏମିତି ଉତ୍ତର। ତାଙ୍କୁ ପଚାରିବା ଯାହା ନପଚାରିବା ତାହା। ଆଣ ଆଣ ଚା ଟିକେ ଶୀତଟା ଜଣା ପଡୁଛି କହି ଡାକ ପକେଇଲେ ସ୍ୱାମୀ। ଦେଖିବ ଆସ ଜନତା ଭୋଜିର ଦୃଶ୍ୟ ଟିଭିରେ। ଖାଲି ମାରପିଟି, ଠେଲାଠେଲି ଜୋତା ଚପଲ ଫୋପଡ଼ା ଭିତରେ ଆଭାଙ୍କୁ କିଛି ଦିଶୁନଥିଲା ସେ ଚଷମାଟାକୁ ଉପର ତଳ କରି ଠା କରୁଥିଲେ ବାସାନ୍ତିକୁ।ପାଉ ନଥିଲେ। ଲୋକ ସବୁ ଏବେ ଶାନ୍ତି ଶୃଙ୍ଖଳା ଭୁଲି ଗଲେଣି। ଏମିତି ହେଲେ କି ଭୋଜି ଖାଇବ ବିଚରା ବାସନ୍ତୀ !

ତା ଆରଦିନ ବାସନ୍ତୀର ଥମଥମ ମୁହଁ ଦେଖି ଆଭା କିଛି ପଚାରିବାକୁ ସାହାସ କରୁନଥିଲେ। ଦେଲ ଦେଲ ମାଆ ମୋ ପାଖାଳ କଂସା ଆଗ। ଆରେ ତୁ ତ କାଲି ଭୋଜି ଖାଇଗଲୁ ବୋଲି ମୁଁ ଅଳ୍ପ ଚାଉଳ ପକେଇଥିଲି। ତୋ ପେଟରେ ତ ଏବେ ଭୋଜି ଭାତ ଯାଉନି ବୋଲି କହୁଥିଲୁ, ତଥାପି ଖୁସିରେ ଗଲୁ, ଖାଇଥିବୁ ଯେ ଝଡି ନଥିବ ଆଉ ପାଖାଳ ମାଗୁଛୁ, ମୁଁ ତ ରଖିନି। କି ଭୋଜି ଖାଇବି ମାଆ। କି ବାଡ଼ିଆ ବାଡ଼ି, ଜୋତା ଚପଲ ଫୋପଡ଼ା ଫୋପଡ଼ି !ଶେଷକୁ ମୋ ବସ୍ତାରେ ଥିବା ଛେଳି ଖାଦ୍ୟ ସବୁ କୋବି ଡାଙ୍ଗ ମୂଳା ଶାଗ ଓ ଶୁଖିଲା ମୂଳା ମଧ୍ୟ ନିସ୍ତାର ନପାଇ ଗଗନେ ପବନେ ଉଡିଲା। ସେ ଦୃଶ୍ୟ ଦେଖି କିଏ କୁଆଡେ। କି ରନ୍ଧା ବଢ଼ା କରିବି ମାଆ ସାମୀଟା ପରା ଜେଲରେ।ମୁଁ ଆଉ ମୋ ଛେଳି ଉପାସ ଅଛୁ। ହଉ ହଉ ଚୁଡା ନଡ଼ିଆ ଖା। ଚୁଡା ନଡିଆ ତ ଖାଇବି ହେଲେ ମାଆ ଟଙ୍କା ହଜାରେ ଦିଅ ମୁଁ ଯାଏ ସାମୀଟା ମୋର ମଦୁଆ ହେଉ କି ଯାହା ହେଉ ତାକୁ ଜେଲରୁ ମୁକୁଳେଇବାର ବାଟ କରିବି କହି ଚାଲିଗଲା ବାସନ୍ତୀ। ଆଭା କହୁଥିଲେ ବିଚାରୀ। ସ୍ୱାମୀ କହୁଥିଲେ ସିଏ ବିଚାରୀ, ତାରି ସ୍ୱାମୀ ଓ ସେ ପରା ମୁଖ୍ୟ କାରପଟଦାର। ଆଶ୍ଚର୍ଯ୍ୟ ଆଖିରେ ଆଭା କହିଲେ କେମିତି ? ? ବାସନ୍ତୀ ଟିକେ ସ୍ଥିର ହେଉ ତାକୁ ପଚାରି ବୁଝିନେବ। ସନ୍ଧ୍ୟାରେ ଟିଭି ଖୋଲି ଆଭା ଶୁଣିଲେ, ହରିଜନ ବସ୍ତିର ମଦୁଆ ହରିଆ ଭୋଜି ହଣ୍ଡାରେ ମଦ ମିଶେଇ ଗଣ୍ଡଗୋଳର ସୂତ୍ରଧର ହୋଇଥିବାରୁ ତାକୁ ଜେଲ ହୋଇଯାଇଛି। ଆଭା ମନେପକେଇବାକୁ ଚେଷ୍ଟା କରୁଥିଲେ ବାସନ୍ତୀ ସ୍ୱାମୀର ନାମ ବାସନ୍ତୀକୁ ପଚାରିଲେ ସେ କହିବ ମା ମୋ ସାମୀ ମୋ ଦେବତା ତା ନାମ ତୁଣ୍ଡରେ ଧରିବି କେମିତି ?


+ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭


# ନିଜକୁ ଖୋଜୁ ଖୋଜୁ

ଲତିକା ମହାପାତ୍ର



ଜୀବନ କେମିତି ବିତେ କହନା ମନୋଇ
ନା ହସି ହୁଏ
ଅବା କାନ୍ଦି ହୁଏ
ନା ରହି ହୁଏ
ବା ଯାଇ ହୁଏ
ଜୀବନ କେମିତି ବିତେ
ପଚାରନା ମୋତେ ଲୋ ମନୋଇ

ବେଳେ ବେଳେ ବାଟକୁ ଜଣା ନଥାଏ ବାଟ
ବନ୍ଦ ଥାଏ ସବୁ ଝରକା କବାଟ
ରୁନ୍ଧି ରୁନ୍ଧି ପଣରେ ବି
ଲାଗେନା ଅଣନିଃଶ୍ୱାସୀ

ଛାତ ଲାଗେ ଆକାଶ ପରି
ଫାଟକ ମହା ମୁକ୍ତିର ଦ୍ୱାର
ପଙ୍ଖା ଘୁରିଲେ ମୁଁ ଘୁରେ
ଖୁବ୍ ଘୁରେ ଅର୍ଥହୀନ ଅବାନ୍ତର..
ଅସରନ୍ତି ଏକ ବିରକ୍ତିକର
ଘଷରାପଣ ଜୀବନ

ମୁଁ ନିଜେ ରହସ୍ୟ ଓ ନିଜେ ତାର ସମାଧାନ
ନିଜେ ପ୍ରଶ୍ନ ନିଜେ ବି ଉତ୍ତର
ମୁଁ କରୁଣ କୋମଳ କାତର
ଏକ ଅନ୍ତଃହୀନ ମୂର୍ଚ୍ଛନାର ଅସୀମ ଲହର

ମୋତେ ପଚାରିବନି ଜୀବନର ମାନେ

ମୁଁ ସୁରା ମୁଁ ସାକୀ ମୁଁ ବିଷ ଓ ପୀୟୂଷ
ମୁଁ ଆଦିମ ଶେଷହୀନ ଶୋଷ
ମୁଁ ଅସରନ୍ତି ଅବଶୋଷ

ମୁଁ ବୋଲା ସରିଥିବା ଗୀତ ଟିଏ
ଅଙ୍କା ସରିଥିବା ଛବିଟିଏ
ପିଆ ସରିଥିବା ରସର ପିଆଲାଟିଏ
ଅଜବ ଖାଲିପଣର ଭରା କୋଠରୀଟିଏ

ଆପାତତଃ ମୃତ ଓ ପରିତ୍ୟକ୍ତ
ମନେ ହେଉଥିବା
ମୁଁ ବହଳ ନିବିଡ଼ ଓ ସାନ୍ଦ୍ର ଭାବର
ଅଲେଖା କବିତାଟିଏ ।


+ତାଳଚେର


# ଠିକଣା ନ ବଦଳୁ

ସସ୍ମିତା ଦାସ



ଘର ଯେବେ ବଦଳେଇବାକୁ ପଡ଼ିବ
ବଦଳିବ ଅନେକ ସଂପର୍କ
ପାଖ ପଡ଼ୋଶୀର ଦେଣନେଣ
ମଲ୍ଲୀର ମଲ୍ଲୀଫୁଲିଆ ହସ
ପାଖ ଦୋକାନରୁ ରେସନପତ୍ର
ଦର୍ଜୀ ପାଖରୁ କପଡ଼ା ସିଲେଇ...
ଆହୁରି ବି ଛାଡ଼ିବାକୁ ପଡ଼ିବ
ସକାଳର ତିନ୍ତିଲା ତିନ୍ତିଲା ରୂପ
ନଇଁ ପଡ଼ିଥିବା କୃଷ୍ଣଚୂଡ଼ା ଗଛରେ
ଚଢ଼େଇଙ୍କର କିଚିରିମିଚିରି ଶବ୍ଦ।
କିନ୍ତୁ ଭୁଲ ହେବନି
ମୁଢ଼ିବାଲାର ଡାକ ବାରବାର
ବ୍ୟସ୍ତ କରିଦେଉଥିବା କ୍ଷୀରବାଲାର
ଖଟଖଟ ଶବ୍ଦ
ଯାହା ସବୁଦିନ ଚଳଣୀର ଯେତେସବୁ
ଗୋଟେ ଗୋଟେ ପାରାଗ୍ରାଫ୍।
ହେ ଈଶ୍ୱର।
ସେ ଦିନ ନଆସୁ କେବେ
ଦିନେ ନ ଦେଖିବି ତୋ ଫରଫର ବାନା,
ଆଖି ଖୋଲିଲେ
ଦେଖୁଥିବି, ଆତ୍ମସ୍ଥ ହେଉଥିବି
ଆଘ୍ରାଣ କରୁଥିବି ତୋ
ଧୂପ, ଦୀପ ମହକ
କର୍ପୁର ଚନ୍ଦନ ମୋ ଝରକା
ଦେଇ ବାସୁଥିବ ତୋ
ସୁବାସର ମହକ, କେବେ
ମତେ ଦୂରେଇ ଦେବୁନାହିଁ,
ଶେଷଯାଏ ଦେଖୁଥିବି...
ତୋର ସେ ଫରଫର ବାନା
ଦୁଇହାତ ଟେକି କହୁଥିବି
ମୁଁ ହିଁ ତୋର, ମୁଁ ହିଁ ତୋର...
ମୋ ଘର ଠିକଣା ହେଉ
ତୋ ଛକର ଠିକଣା।


+ସଂପାଦିକା, ନୀଳକଇଁ




# ଅଯୋଧ୍ୟା ଓ ବାରଣାସୀ ତୀର୍ଥଯାତ୍ରାରେ ୧୦୫ ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା,୧୯/୩ (ନି.ପ୍ର): ଆଜି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନସ୍ଥ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ରେ ୧୦୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡା ଟାଉନ ହଲ ଠାରୁ ଅଯୋଧ୍ୟା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଓ ଏହି ଉପଲକ୍ଷେ ଅପରାହ୍ଣ ୦୩.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ଟାଉନ ହଲଠାରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ସ୍ୱାସ୍ଥ୍ୟ ଯାଂଚରେ ଯୋଗ୍ୟ ବିବେଚିତ ହୋଇଥିବା ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ପାଇଁ ଉଦ୍ଧିଷ୍ଟ ବସ୍ ଯୋଗେ ଯାତ୍ରା ଆରମ୍ଭ ପାଇଁ ବସିଥିଲେ ଓ ଏମାନଙ୍କ ମଧ୍ୟରେ ୨୭ ବରିଷ୍ଠ ଦମ୍ପତି ଓ ୫୧ ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୫୬ ଓ ମହିଳାଙ୍କ ସଂଖ୍ୟା ୪୯ ରହିଛି ଓ ସୂଚନାଯୋଗ୍ୟ ଯେ, ସେମାନେ ଏଠାରୁ ଯାଇ ଭୁବନେଶ୍ୱର ୟୁନିଟ – ୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ରାତ୍ରି ବିଶ୍ରାମ କରିବାର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ଓ ଆସନ୍ତା କାଲି ତା. ୧୯.୦୩.୨୦୨୫ ରିଖ ପୂର୍ବାହ୍ଣ ୧୧.୪୫ ଘଟିକା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭ ଉଦ୍‌ଘାଟନ ପରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧ୍ୟା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ଓ ଏହି ଯାତ୍ରାର ସମୟସୀମା ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୪ ତାରିଖରେ ଶେଷ ହେବ ଓ କେନ୍ଦ୍ରାପଡାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିକାରୀ ତ୍ରିଭୁବନ ଜୟସିଂହ, ବରିଷ୍ଠ ତୀର୍ଥଯାତ୍ରୀ ଓ ତାଙ୍କ ପରିବାର ସଦସ୍ୟ, କର୍ମକର୍ତା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ୪ ଜଣ ଏସ୍କର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭାଷା ଛାତ୍ରଛାତ୍ରୀଙ୍କ ପାଇଁ ପ୍ଲେସମେଂଟ ଅଭିଯାନ

ଜୟପୁର,୧୯/୩ (ନି.ପ୍ର): ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସହଯୋଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ଲେସମେଂଟ ସେଲ୍ ପକ୍ଷରୁ ୧୭ ଓ ୧୮ ମାର୍ଚ୍ଚ ୨୦୨୫ରେ ସୁନାବେଡ଼ାସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଭାଷା ଓ ଆନୁଷଙ୍ଗିକ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ଲେସମେଂଟ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଆଇ ଭିତିକ କାରବାର କରୁଥିବା ବାଙ୍ଗାଲୋରସ୍ଥିତ ଆଇଟି ଫାର୍ମ ଓଲା-କୃତ୍ରିମ୍ ପକ୍ଷରୁ ଏହି ଅଭିଯାନ କରାଯାଇଥିଲା। ଓଲା-କୃତ୍ରିମ୍ ର ମୁଖ୍ୟ ଭାଷାବିତ୍ ଶ୍ରୀ ସାନମତିଙ୍କ ନେତୃତ୍ୱରେ ଏହି ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ଏକ ଲିଖିତ ପରୀକ୍ଷା, କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ଏବଂ ଏହା ପରେ ବ୍ୟକ୍ତିଗତ ସାକ୍ଷାତକାର ଅନ୍ତର୍ଭୁକ୍ତ ଥିଲା । ଏହି ପରୀକ୍ଷାରେ ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ଜେଏମସିର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମ୍ପିଏର ଏଚ୍‌ଓଡି ତଥା ପ୍ଲେସମେଣ୍ଟ ସେଲ୍ ର ଅଧ୍ୟକ୍ଷ ଡ. ପଦ୍ମ ଚରଣ ମିଶ୍ର, ପ୍ଲେସମେଂଟ ସେଲ୍ ର ସଦସ୍ୟ ଡ. ସୌରଭ ଗୁପ୍ତା, ଡ. ପିକେ ସ୍ୱାଇଁ ଏବଂ ସଂଯୋଜକ- ଡ. ବିକାଶ କୁମାର ପ୍ରମୁଖ ନେତୃତ୍ୱ ନେଇଥିଲେ। ଆନୁଷ୍ଠାନିକ ଏକ୍ଜିଟ୍ ମିଟିଂରେ ଡାକ୍ତର ସୌରଭ ଗୁପ୍ତା ସ୍ୱାଗତ ଭାଷଣ ଦେଇଥିଲେ। କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ୍ ଜରିଆରେ ଭାଷା ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଥମ ଥର ପାଇଁ ଚାକିରି ମିଳୁଛି ବୋଲି ଡ. ପିସି ମିଶ୍ର କହିଥିଲେ । ଶ୍ରୀ ସାନମତି ସିୟୁଓର ଛାତ୍ରଛାତ୍ରୀଙ୍କ ମାନ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ନିଯୁକ୍ତି ସାକ୍ଷାତକାର ପ୍ରସ୍ତୁତି ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଅଭିନବ ପଦକ୍ଷେପ ପାଇଁ ସ୍କୁଲ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା ଆୟୋଜକ ଦଳ ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓଲା-କୃତ୍ରିମ୍ ଟିମ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ ସୂଚନା ପ୍ରଯୁକ୍ତି ବିଦ୍ୟା ସହ ଯୋଡ଼ିହେବା କାରଣରୁ ନିଯୁକ୍ତି କ୍ଷେତ୍ରରେ ଭାଷା ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ସିଜୋଗ ସୃଷ୍ଟି ହୋଇଛି । ପ୍ରଫେସର ତ୍ରିପାଠୀ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ଅଧୀନରେ ଆଂଚଳିକ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଏବଂ ତେଣୁ ଏଭଳି ପ୍ଲେସମେଂଟ ଅଭିଯାନ ଛାତ୍ରଛାତ୍ରୀଙ୍କୁ ଭାଷା ପାଠ୍ୟକ୍ରମ କରିବାକୁ ଉତ୍ସାହିତ କରିବ । ସେ ଏହା ମଧ୍ୟ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଅଧିବେଶନର ଆୟୋଜନ କରିବ । ଏଠାରେ ସୂଚନା ଥାଉକି ବିଶ୍ୱବିଦ୍ୟାଳୟର ୬ ଜଣ ଛାତ୍ର-ଛାତ୍ରୀଙ୍କୁ ଭାଷାବିତ୍ ଭାବେ ଚୟନ କରାଯାଇଛି ଏବଂ ସେମାନେ ଏପ୍ରିଲ ପ୍ରଥମ ସପ୍ତାହରେ ନିୟମ ଅନୁଯାୟୀ ଦରମା ସହିତ ଚକିରୀରେ ଯୋଗଦେବେ। ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ମନୋନୀତ ଛାତ୍ରଛାତ୍ରୀମାନେ ହେଉଛନ୍ତି ଇଂରାଜୀ ବିଭାଗର ସିମରନ ତ୍ରିପାଠୀ (ଓଡ଼ିଆ-ଭାଷାବିତ୍), ଇଶାନୀ ତ୍ରିପାଠୀ (ଓଡ଼ିଆ-ଭାଷାବିତ୍), ସ୍ନେହା ଭଟ୍ଟାଚାର୍ଯ୍ୟ (ବଙ୍ଗଳା-ଭାଷାବିତ୍), ପ୍ରୟାସ ତ୍ରିପାଠୀ (ଓଡ଼ିଆ-ଭାଷାବିତ୍), ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଦେବଜାନୀ ଘୋଷ (ବଙ୍ଗଳା-ଭାଷାବିତ୍) ଏବଂ ଓଡ଼ିଆ ବିଭାଗର ଶ୍ରୀ ଟିଟନ ଖରା (ଓଡ଼ିଆ-ଭାଷାବିତ୍)। ଏହି ଅବସରରେ ଓଡିଆ ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ ପଛରେ କାର ଧକ୍କା: ୫ ଆହତ

କୋରେଇ,୧୯/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମକୁନ୍ଦବିନ୍ଧା (ବଡ ତ୍ରିଲୋଚନପୁର) ଗ୍ରାମ ନିକଟରେ ଆଜି ମଂଗଳବାର ଭୋର ସମୟରେ ଏକ କାର ଟ୍ରକ ପଛରେ ଧକ୍କା ହେବାରୁ ୫ ଜଣ ଆହତ ହୋଇଛନ୍ତି । ପ୍ରକାଶଯେ ପଂଶିମବଂଗ କଲିକତାରୁ ଏକ କାର (ଡବ୍ଲ୍ୟୁବି ୩୨କିୟୁ ୧୧୧୮) ରୋଗୀ ନେଇ ଭୁବନେଶ୍ୱର ସମ ହସପିଟାଲକୁ ଯାଉଥିବା ସମୟରେ ଭାରସମ୍ୟ ହରାଇ ଏକ ଟ୍ରକକୁ ସାଇଡରୁ ଧକ୍କା ଦେଇଥିଲା । ଫଳରେ କାରଟି ଦୁର୍ଘଟଣାଗସ୍ଥ ହୋଇଥିବା ବେଳେ କାରରେ ଥିବା ୫ ଜଣ ଆହତ ହୋଇଥିଲେ । ଦୁର୍ଘଟଣା ପରେ ଟ୍ରକଟି ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ଗାଡିଟିକୁ ଜବତ କରିବା ସହ ଆହତମାନଙ୍କୁ ଚିକିତ୍ସାପାଇଁ ପଠାଇଛି ।

# କବି ରମାକାନ୍ତ ରଥଙ୍କ ବିୟୋଗରେ 'ବନ୍ଦେ ଉତ୍କଳ ଜନନୀ'ର ଶୋକ

ଧର୍ମଶାଳା,୧୯/୩ (ନି.ପ୍ର): ପ୍ରତିଷ୍ଠିତ ସାହିତ୍ୟିକ, ପ୍ରଖ୍ୟାତ କବି ପଦ୍ମଭୂଷଣ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସ୍ୱର୍ଗତ ରମାକାନ୍ତ ରଥଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ରଥଙ୍କ ବିୟୋଗରେ ଓଡିଆ ସାହିତ୍ୟ ଜଗତର ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କର ଅବସାନ ଘଟିଲା ବୋଲି ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧାପକ ବଳଭଦ୍ର ଦାଶ ପ୍ରକାଶ କରିଛନ୍ତି । ସ୍ୱର୍ଗତ ରଥ ଏବଂ ସ୍ୱର୍ଗତ ରବି ଲାବଣ୍ୟ ଉଭୟ ରେଭେନ୍ସା ମହାବିଦ୍ୟାଳୟରୁ ପାସ୍ କରିବା ପରେ ଓଡିଆ ଭାଷା, ସାହିତ୍ୟର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । କେବଳ ଲେଖକ ବା ବୁଦ୍ଧିଜୀବୀ ଚାହିଁଲେ ଓଡିଆ ଭାଷାର ଉନ୍ନତି ହୋଇପାରିବ ନାହିଁ ଯେଉଁଦିନ ସାଧାରଣ ଓଡିଆ ଲୋକଟିଏ ଓଡିଆ ଭାଷା ସାହିତ୍ୟର ଗୁରୁତ୍ୱକୁ ଉପଲବ୍ଧି କରିବ ତେବେ ଯାଇ ଓଡିଆ ଭାଷା ସଶକ୍ତ ତଥା ସମୃଦ୍ଧ ହେବ ବୋଲି ସ୍ୱର୍ଗତ ରଥ ୨୦୨୨ରେ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ରବି ଲାବଣ୍ୟଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ପ୍ରକାଶ କରିଥିଲେ । ସ୍ୱର୍ଗତ ରଥଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଶ୍ୟାମପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅରଙ୍ଗାବାଦ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱର୍ଗତ ରଥଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ସ୍ମୃତି ଚାରଣ କରିଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୧୯/୩ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତୁଳସୀ ମହିଳା ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ବାଳିକା ଆତ୍ମସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ବାଳିକାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ଅସାମାଜିକ ବ୍ୟକ୍ତି ବିଶେଷ ଓ ଅପ୍ରିତିକର ପରିସ୍ଥିତିର ମୁକାବିଲା କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଶିକ୍ଷକ ପରିଷଦର ସମ୍ପାଦକ ତଥା ଆଇ.କ୍ୟୁ.ଏ.ସି.ର ସଂଯୋଜକ ଡ଼ଃ ମଥୁରୀ ଚରଣ ନାୟକ ଏବଂ ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଜ୍ୟୋସ୍ନାମୟୀ ପତି ଉଭୟ ଶାରୀରିକ ଓ ମାନସିକ ସାମର୍ଥ୍ୟ ଏବଂ ଉପସ୍ଥିତ ବୁଦ୍ଧି ଦ୍ୱାରା ବାଳିକାମାନେ କିପରି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିପାରୁଛନ୍ତି ଭିନ୍ନ ଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଛାତ୍ରୀମାନଙ୍କୁ ଅବଗତ କରିବା ସହିତ ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁରିତା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶାରୀରିକ ପ୍ରଶିକ୍ଷିକା ଶ୍ରୀମତୀ ସଂଯୁକ୍ତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବାଳିକା ଆତ୍ମସୁରକ୍ଷା ତାଲିମ୍‌ର କାର୍ଯ୍ୟାଳୟ ସହାୟକ ବଳରାମ ବାରିକ ଓ ପାଠାଗାର ସହାୟକ ଗୌରାଙ୍ଗ ଚରଣ ବେହେରା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଶୁଶ୍ରୀ ସସ୍ମିତା ପଟ୍ଟନାୟକଙ୍କ ସହିତ ଅଧ୍ୟାପିକା ପୂଜାଲିନ୍ ବାରିକ ଓ ବହୁସଂଖ୍ୟକ ଛାତ୍ରୀ ଉପସ୍ଥିତ ଥିଲେ ।

# ପାନୀୟ ଜଳ କାମରେ ଠିକା କମ୍ପାନୀ ବିଳମ୍ବ କଲେ ହେବ ଏଫଆଇଆର: ମନ୍ତ୍ରୀ ରବି ନାୟକ

ଭୁବନେଶ୍ୱର,୧୯/୩ (ନି.ପ୍ର): ରାଜ୍ୟରେ ରାଜ୍ୟ ରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାମରେ ଠିକା କମ୍ପାନୀ ବିଳମ୍ବକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି । ଏବେ ସେମାନେ ନିର୍ଦ୍ଧାରିତ ସମୟରୁ ବିଳମ୍ବ କଲେ ସେମାନଙ୍କ ବିରୋଧରେ ଏଫଆଇଆର ହେବ ବୋଲି ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରକାଶ କରିଛନ୍ତି । ଆଜି ପ୍ରଶ୍ନକାଳରେ ରାଜ୍ୟ ରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କୁ ନେଇ ଗୃହ ରେ ଉଦବେଗ ପ୍ରକାଶ ପାଇଥିଲା । ପ୍ରକଳ୍ପ ଧିମା ଗତି ରେ ଚାଲୁଥିବା କହି କେବେ ପ୍ରତି ଘରକୁ ପାଇପ ଯୋଗେ ପାଣି ପହଞ୍ଚିବ ବୋଲି ପ୍ରଶ୍ନ କରିଥିଲେ ବିଜେଡି ବିଧାୟକ ରମେଶ ବେହେରା ।

ଏହାର ଉତ୍ତର ରେ ପାନୀୟ ଜଳ ସମସ୍ୟା କୁ ନେଇ ଉଦବେଗ ପ୍ରକାଶ କରିବା ସହ ଧିମା ହେବାର କାରଣ କହି ପୂର୍ବ ସରକାର କୁ ଟାର୍ଗେଟ କରିଛନ୍ତି ପଂଚାୟତିରାଜ ମନ୍ତ୍ରୀ । ସେ କହିଥିଲେ ଯେ, ଯେଉଁମାନେ ଚୁକ୍ତି ସ୍ୱାକ୍ଷର କରିଥିଲେ ନୂଆ ସରକାର ଆସିବା ପରେ ଏହାର ସମୟ ସୀମା ପଳେଇଥିଲା । ସରକାର ଫାଇନ କରିଛନ୍ତି । ଏବେ ୭ ଦିନ ଭିତରେ କମ୍ପାନୀ ମୁଖ୍ୟ ଙ୍କୁ ଡକା ହୋଇଛି । ଠିକ ସମୟରେ କାମ ନ କଲେ କମ୍ପାନୀ କୁ ବ୍ଲାକ ଲିଷ୍ଟ କରିବୁ । ପୂର୍ବରୁ ପାଇପ ଥିଲା ପାଣି ନ ଥିଲା । ଏବେ ହର ଘର ଜଳ ନ ହେଲେ କାମ ସମାପ୍ତ ହୋଇଛି ବୋଲି ଧରା ଯିବନି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟ ଧିମା ବିଷୟରେ ବିଭାଗ ଅବଗତ ଅଛି । ମାର୍ଚ୍ଚ ସୁଦ୍ଧା ୭୨ ହେବାର ଥିଲା ହେଲେ ୫୨ କମ୍ପ୍ଲିଟ ହୋଇଛି.. ଜୁନ ସୁଦ୍ଧା ୭୨ ଟି ସାରିବୁ । ୨୦୨୫ ସୁଦ୍ଧା ଆଉ ୪୦ ଟି କରିବୁ.. ଆଉ କଡା ପଦକ୍ଷେପ ନେବୁ.ପାହାଡ଼ ଅଂଚଳ ର ଲୋକ ବି କେମିତି ପାଣି ପାଇବେ ସେ ନେଇ ବିଭାଗ କାମ କରୁଛି ।

# ଟିଟିଲାଗଡ଼ ଗାୟତ୍ରୀ ପରିବାର ପକ୍ଷରୁ ୨୪ କୁଣ୍ଡିୟ ଶକ୍ତି ସମ୍ବର୍ଦ୍ଧନା ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ

ବଲାଙ୍ଗୀର,୧୯/୩ (ନି.ପ୍ର): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଟିଟିଲାଗଡ଼ ଗାୟତ୍ରୀ ଶକ୍ତିପୀଠ ଆନୁକୂଲ୍ୟରେ ଥାନା ସମ୍ମୁଖରେ ଥିବା ବିଆର୍‌ସି ବିଲ୍ଡିଂ ଠାରେ ତ୍ରିଦିବସୀୟ ୨୪ କୁଣ୍ଡୀୟ ଶକ୍ତି ସମ୍ବର୍ଦ୍ଧନା ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୪ ତାରିଖ ଶୁକ୍ରବାର ସକାଳେ କଳସ ଯାତ୍ରା, ୧୬ ତାରିଖ ଠାରୁ ୧୮ ତାରିଖ ଯାଏଁ ପ୍ରତିଦିନ ସକାଳୁ ଜପ, ଧ୍ୟାନ, ପ୍ରଜ୍ଞାଯୋଗ, ସକାଳ ୯ଟାରେ ଦେବ ପୂଜନ, ଗାୟତ୍ରୀ ମହାଯଜ୍ଞ, ବିବିଧ ସଂସ୍କାର, ସନ୍ଧ୍ୟାରେ ସଙ୍ଗୀତ, ପ୍ରବଚନ କରାଯାଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଓ ଟୋଲି ବିଦାୟ କରାଯାଇଥିଲା। ହରିଦ୍ୱାର ଶାନ୍ତିକୁଞ୍ଜରୁ ସର୍ବେଶ୍ୱର ଶର୍ମା ଏବଂ ତାଙ୍କର ଟିମ୍ ଆସି ପ୍ରବଚନ ଦେଇଥିଲେ। ତିନିଦିନ ତମାମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ସପତ୍ନି ମମତା ଦେବୀ ଜୈନ ହୋମରେ ବସିଥିଲେ। ସେହିପରି ଶେଷଦିନ ଏସ୍‌ଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନଙ୍କ ସପରିବାର ଆସି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ଗାୟତ୍ରୀ ପରିବାରର ସନ୍ତୋଷ କୁମାର ଦାଶ, ଗାୟତ୍ରୀ ପରିବାର ଜିଲ୍ଲା ସଂଯୋଜକ ସତ୍ୟ ନାରାୟଣ ଗୁପ୍ତା, ରମାକାନ୍ତ ବେହେରା, ରାଜକୁମାର କେଓ୍ୱଟ, ଯୁଗଳ କିଶୋର ଗୋୟଙ୍କା, ବିଜୟ କୁମାର ଧନ ଚଓ୍ୱଲିୟା, ଦେବାନନ୍ଦ ସାହୁ, ନିର୍ମଳା କେଓ୍ୱଟ, ସସ୍ମିତା ଦାସ, ପଦ୍ମିନୀ ବେହେରା, ରୀନା ବେହେରା, ମଞ୍ଜୁ ରତେଇ ଓ ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏଠାରେ ଲାଗିଥିବା ସାହିତ୍ୟ ଓ ଆୟୁର୍ବେଦିକ ଷ୍ଟଲରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଶେଷ କରି ଆୟୁର୍ବେଦିକ ଚିକିତ୍ସକ ବୈଦ୍ୟ କୁମାର ଶରତ ଚନ୍ଦ୍ର ବିଭିନ୍ନ ଆୟୁର୍ବେଦିକ ଔଷଧ ଦେବା ସହ ବିଭିନ୍ନ ବାତ ରୋଗର ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା।

# ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ମାନ୍ୟତା: ଭୂମିହୀନଙ୍କୁ ପଟ୍ଟା ଦେବା ଦାବିରେ ସିଏସ୍‌ଡି ପକ୍ଷରୁ ଗଣଧାରଣା

ଭୁବନେଶ୍ୱର,୧୯/୩ (ନି.ପ୍ର): ସିଏସ୍‌ଡ଼ି ଓଡ଼ିଶା ନେତୃତ୍ୱରେ ଓଡ଼ିଶାର ଆଦିବାସୀ ଅଧୁଷିତ ୨୩ଗୋଟି ଜିଲ୍ଲାରୁ ୧୦୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଭାଇଭଉଣୀମାନେ ତାଙ୍କର ନ୍ୟାର୍ଯ୍ୟ ହକ୍ ଓ ଅଧିକାର ପାଇବା ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ବନ୍ୟାଧିକାର ମାନ୍ୟତା ଆଇନ-୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨କୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ଦାବିରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା କରାଯାଉଛି।

ଉପରୋକ୍ତ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ କାର୍ଯ୍ୟକାରୀ ହେବା ଦୀର୍ଘ ୧୯ ବର୍ଷ ପରେ ମଧ୍ୟ ସମସ୍ତ ଦାବିଦାର ପରିବାରଙ୍କୁ ତାଙ୍କର ଦଖଲରେ ଥିବା ଜଙ୍ଗଲ କିସମର ମାଲିକାନା ବା ପଟ୍ଟା ପ୍ରଦାନ କରାଯାଇ ନାହିଁ।

ବ୍ୟକ୍ତିଗତ ଜଙ୍ଗ ପଟ୍ଟା ପାଇବା ପାଇଁ ଦରଖାସ୍ତ କରିଥିବା ସର୍ବମୋଟ ୫୯୦୪୯୯ ଆଦିବାସୀ ଏବଂ ୭୫୫୬୭ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ ମଧ୍ୟର ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ କେବଳ ୫୬୦୩୮୭ ଜଣ ଆଦିବାସୀ ଏବଂ ୬୨୬ ଅନ୍ୟାନ୍ୟ ଜଙ୍ଗଲବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ଏବଂ ୧୪୩୬୬୨ ଜଣଙ୍କ ଦାବିଗୁଡ଼ିକୁ ଅନ୍ୟାୟ ଭାବରେ ନାକଚର କୌଣସି କାରଣଗୁଡ଼ିକୁ ଦାବିଦାରଙ୍କୁ ନ ଜଣାଇ ମନମୁଖୀ ଓ ଅବି□ର ଭାବେ ଜିଲ୍ଲା ପ୍ରଶାସନ ଦ୍ୱାରା ନାକଚ କରାଯାଇଛି ଯାହାକି ସମ୍ପୂର୍ଣ୍ଣ ଭାବରେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ଉଲଙ୍ଘନ କରାଯାଉଛି। ଗ୍ରାମବାସୀଙ୍କ ଦ୍ୱାରା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କ୍ରୟ ବିକ୍ରୟ ଉପରେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ରେ ଉଲ୍ଲେଖିତ ପ୍ରାବଧାନଗୁଡ଼ିକୁ ସରକାରୀ ଉଦାସୀନତା ଦୃଷ୍ଟିରୁ ଆଦିବାସୀ ଏବଂ ଗ୍ରାମବାସୀ ତାର ସୁଫଳ ପାଇବାରୁ ବଞ୍ଚିତ ରହିଛନ୍ତି।

ଅନ୍ୟ ପକ୍ଷରେ ଗ୍ରାମସଭାର ବିନା ଅନୁମତିରେ କଳ କାରଖାନା, ଖଣି ଖାଦାନ ପାଇଁ ଆଦିବାସୀଙ୍କ ଦଖଲରେ ଥିବା ଜମି ଗୁଡ଼ିକୁ କର୍ପୋରେଟଙ୍କ ହାତକୁ ଟେକି ଦିଆଯାଉଛି। ଲୋକଙ୍କୁ ତାଙ୍କର ଜଙ୍ଗଲ ଜମି ଓ ପ୍ରାକୃତିକ ପରିବେଶରୁ ତାଙ୍କର ଅନିଚ୍ଛା ସତ୍ତ୍ୱେ ବିସ୍ଥାପିତ କରାଯାଉଛି। ପୁଣି ୨୦୦୮ରେ ବସୁନ୍ଧରା ଯୋଜନାରେ ଭୂମିହୀନ ଓ ଘରଡ଼ିହଶୂନ୍ୟ ପରିବାରମାନଙ୍କୁ ଚାଷଜମି ଓ ଘରଡ଼ିହ ଜମି ଯୋଗାଇବାର ବ୍ୟବସ୍ଥା ଥାଇ ମଧ୍ୟ ଏମାନଙ୍କୁ ସରକାରୀ ଜମି ବଂଟନ କରିବା ପରିବର୍ତେ ତାଙ୍କୁ ଜମିରୁ ଉଚ୍ଛେଦ କରିବାର କାର୍ଯ୍ୟକୁ ସିଏସ୍‌ଡ଼ି ଓଡ଼ିଶା ଦୃଢ ବିରୋଧ କରୁଛି ଏବଂ ସରକାରୀ ପ୍ରାବଧାନ ଅନୁସାରେ ସମସ୍ତ ଭୂମିହୀନ, ବାସହୀନ ପରିବାରଙ୍କୁ ସମୟସୀମା ଭିତରେ ଜମି ବଣ୍ଟନ କରିବାକୁ ଦାବି କରାଯାଇଛି। ଗଣଧାରଣା ପରେ ସିଏସ୍‌ଡ଼ିର ଆବାହକ ଗୋପୀନାଥ ମାଝୀଙ୍କ ନେତୃତ୍ୱରେ ବିରଞ୍ଚି ବରିହା, ଗୌତମ ପାତ୍ର, ମଞ୍ଜୁ ଶବର ଓ ଗୁରୁବାରୀ ଶବର ଏକ ପାଞ୍ଚଜଣିଆ ପ୍ରତିନିଧି ମଣ୍ଡଳୀ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପ ସଚିବ ଲକ୍ଷ୍ମୀଧର ମଲ୍ଲିକଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବା ସହ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

## ବିଦ୍ୟୁତ ବିଭାଗର ଅବହେଳା ପାଇଁ ଅଟକିଛି ରାସ୍ତା କାମ

କୋରେଇ,୧୯/୩ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରୁ ଦାମୋଦରପୁର ଠାରୁ ୨୦ ନମ୍ବର ଜାତୀୟ ରାଜପଥର ନୁଆପଦା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଅଛି । ଉକ୍ତ ରାସ୍ତାଟିର ନିର୍ମାଣରେ ବାଧକ ସାଜିଛି ବିଦ୍ୟୁତ ବିଭାଗ। ପାଣିକୋଇଲି ପୂର୍ତ ବିଭାଗ ଅଧିନସ୍ଥ ଉକ୍ତ ରାସ୍ତାଟିର ଅର୍ଦ୍ଧାଧିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ପୂର୍ବରୁ ଥିବା ବିଦ୍ୟୁତ ଖୁଂଟ ଗୁଡ଼ିକ ନ ଉଠିବା ଯୋଗୁ କାମ ଅଟକିଛି। ଏ ସଂକ୍ରାନ୍ତରେ ପୂର୍ତ ବିଭାଗ ତରଫରୁ ବିଦ୍ୟୁତ ବିଭାଗକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ। ପୂର୍ବ ରାସ୍ତା ଅପେକ୍ଷା ବର୍ତମାନ ନିର୍ମାଣ ଚାଲିଥିବା ରାସ୍ତାଟି ଦୁଇଟି ଉଚ୍ଚ ହୋଇଯାଇଥିବାରୁ ରାସ୍ତାର ମଝିରେ ଏକ ସବଷ୍ଟେସନଟି (୧୧ କେଭି) ଜନସାଧାରଣଙ୍କ ନିମନ୍ତେ ବିପଦକୁ ଆହ୍ୱାନ ଦେଉଛି। ଏହା ସହିତ ଉପଭୋକ୍ତା ମାନଙ୍କ ଘରକୁ ଦିଆଯାଇଥିବା ବିଦ୍ୟୁତ ସଂଯୋଗ କେବୁଲଟି ଝୁଲି ରହିବା ଫଳରେ ଏକ ବାଉଁଶ ସାହାର୍ଯ୍ୟରେ ଉପରକୁ ଟେକା ଯାଇଅଛି। ଯାହାକି ବାଇକ ଆରୋହୀଙ୍କ ନିମନ୍ତେ ବିପଦ ସୃଷ୍ଟି କରୁଛି।

# ଦାଦନ ଖଟିବାକୁ ଯାଇ ସନ୍ଦେହ ଜନକ ଭାବେ ଶ୍ରମିକଙ୍କ ମୃତ୍ୟୁ

ବଲାଙ୍ଗୀର,୧୯/୩ (ନି.ପ୍ର): ଦାଦନ ଶ୍ରମିକଙ୍କୁ ଟଙ୍କା ଆଗରୁ ଦେଇଥିବାରୁ କାମ କରାଇ ମାରିଦେଲେ ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାର, ଘରକୁ ଶବ ହୋଇ ଫେରିଲା ଘରୁ ସୁସ୍ଥ ସବଳ ହୋଇଯାଇଥିବା ମଣିଷ। ଏମିତି ଅଭିଯୋଗ ଆସିଛି ଖପ୍ରାଖୋଲ ଥାନା ନାନ୍ଦୁପଲା ପଂଚାୟତ ଅନ୍ତର୍ଗତ ଡୁଡୁମଧରା ଗ୍ରାମରୁ। ଗ୍ରାମର କୁଶ ଶଗଡିଆ(୫୫)କୁ ଇଟାଭାଟିରେ କାମ କରିବାକୁ ଦାଦନ ସର୍ଦ୍ଦାର ବରୁଣ ମାଝୀ ଓରଫ(କେଟି) କଟକ ଅଂଚଳକୁ ବେଆଇନ ଭାବେ ପଠାଇଥିଲେ। ଗତ ୧୬ ତାରିଖ ରବିବାର ଦିନ ଅଚାନକ ତାଙ୍କର ମୃତ୍ୟୁ ଘଟିଛି । ଯଦି ଦେହ ଅସୁସ୍ଥ ଥିଲା ତେବେ ମାଲିକ ଓ ଦାଦନ ସର୍ଦ୍ଦାରଙ୍କ ପାଖରେ କ୍ରୀତଦାସ ପରି କାମ କରି ଜୀବନ ହାରିଲେ ବିଚରା କୁଶ ଶଗଡିଆ। ଉପଯୁକ୍ତ କାଗଜ ପତ୍ର ନକରି ସର୍ଦ୍ଦାର ଜଣକ ଇଟାଭାଟିରେ କାମ କରାଇବାକୁ ନେଇଥିବା ବେଳେ ବର୍ତମାନ ଗରିବ ପରିବାର ବେସାହାରା ହୋଇ ପଡିଛନ୍ତି। ପରିବାର ଲୋକଙ୍କ କହିବାନୁସାରେ କୁଶ ଶଗଡିଆଙ୍କ ଦେହ ସୁସ୍ଥ ଥିଲା ଅଚାନକ ତାଙ୍କର ମୃତ୍ୟୁ ହୋଇଥିବା ଘଟଣାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ମୃତ୍ୟୁ ଘଟଣା ଖବର ପାଇଲା ପରେ ପରିବାର ଲୋକ ଗତକାଲି ସୋମବାର ସନ୍ଧ୍ୟା ୮ଟା ସମୟରେ ଖପ୍ରାଖୋଲ ଥାନାକୁ ଦାଦନ ସର୍ଦ୍ଦାର ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ଆସିଥିଲେ। ଗ୍ରାମର ଜଣେ ପଡୋଶୀ ଏବଂ ଦାଦନ ସର୍ଦ୍ଦାର ବରୁଣ ମାଝୀ କଟକ ମେଡିକାଲରୁ କୁଶ ଶଗଡ଼ିଆଙ୍କ ମୃତଶରୀରକୁ ଘରକୁ ନେଇଁ ପଖାପାଖି ବଲାଙ୍ଗୀର ପହଂଚି ସାରିଥିଲେ। କିନ୍ତୁ ପରିବାର ଲୋକ ସର୍ଦ୍ଦାର ବିରୁଦ୍ଧରେ ଅଭିଯୋଗ କରିବା ପରିବର୍ତେ ଶବକୁ କେମିତି ଗାଁରେ ପହଂଚିବ ତାହା ଅଭିଯୋଗରେ ଲେଖିଲେ। ଆଶ୍ଚର୍ଯ୍ୟର କଥା କାହା ଚାପରେ ସେମାନଙ୍କ ଅଭିଯୋଗ ବଦଳିଗଲା। ମୃତ ଶରୀର ଖପ୍ରାଖୋଲ ପହଂଚିଲା ପରେ ଦାଦନ ସର୍ଦ୍ଦାର ବରୁଣ ମାଝୀକୁ ଥାନାରେ ଅଟକ ରଖାଯାଇଥିବା ପରିବାର ଲୋକେ କହିଥିବା ବେଳେ ମଙ୍ଗଳବାର ଖପ୍ରାଖୋଲ ପୋଲିସ ତରଫରୁ ଗୋଟିଏ ୟୁଡି କେସ ପଞ୍ଜିକୃତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏପଟେ ଦାଦନ ସର୍ଦ୍ଦାରକୁ ଛାଡି ଦେଇଥିବା ବେଳେ ସେପଟେ ପରିବାର ଲୋକ ବେସାହାରା ହୋଇ ଭାଙ୍ଗି ପଡିଛନ୍ତି। ଘରେ ଗୋଟିଏ ୧୫ ବର୍ଷର ନାବାଳିକା ଝିଅ ଏବଂ ମାନସିକ ବିକୃତ ପୁଅକୁ ନେଇଁ ଘର କେମିତି ଚଳିବ ସେ ଚିନ୍ତାରେ ମୃତକଙ୍କ ସ୍ତ୍ରୀ କିଛି କହିପାରୁ ନାହାନ୍ତି। ଜିଲ୍ଲା ପ୍ରଶାସନ ଏବଂ ସରକାର ଏଦିଗରେ ଦୃଷ୍ଟି ଦେଇ ପରିବାର ଲୋକଙ୍କୁ ନ୍ୟାୟ କିପରି ମିଳିବ ତାର ପଦକ୍ଷେପ ନେଲେ ଭଲ ହେବ ବୋଲି ଜନସାଧାରଣରେ ଆଲୋଚନା ହେଉଛି।

# ସମ୍ ହସ୍ପିଟାଲରେ ଜଟିଳ ଫୁସ୍‌ଫୁସ୍ କର୍କଟ ରୋଗୀଙ୍କର ବିରଳ ଶଲ୍ୟ ଚିକିତ୍ସା

ଭୁବନେଶ୍ୱର ,୧୯/୩ (ନି.ପ୍ର): ଫୁସ୍‌ଫୁସ୍‌ରେ କର୍କଟ ରୋଗ ଭଳି ଗଭୀର ସମସ୍ୟା ଥିବା ସତ୍ତ୍ୱେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଶଲ୍ୟ ଚିକିତ୍ସକମାନେ ଜଣେ ୪୫ ବର୍ଷ ବୟସ୍କ ମହିଳାଙ୍କର ବିରଳ ତଥା ସଫଳ ଅସ୍ତ୍ରୋପଚାର କରିପାରିଛନ୍ତି । ମହିଳା ଜଣକ କିଛି ଦିନ ଧରି ଅସୁସ୍ଥ ଥିଲେ ଓ ତାଙ୍କ କାଶରେ ରକ୍ତ ପଡୁଥିଲା । ଅନ୍ୟ ଡାକ୍ତରଖାନାରେ ତାଙ୍କୁ ଯକ୍ଷ୍ମା ହୋଇଛି ବୋଲି କୁହାଯାଇଥିଲା । ପରବର୍ତୀ ସମୟରେ ସେ ଚିକିତ୍ସା ନିମନ୍ତେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ହସ୍ପିଟାଲକୁ ଆସିଥିଲେ । ସମ୍ ହସ୍ପିଟାଲର ପଲମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା ଓ ପ୍ରଫେସର ରାକ୍ଷୀ ଲୁଦାମ୍ ତାଙ୍କର ପରୀକ୍ଷା କରିବା ପରେ ତାଙ୍କର ସମସ୍ୟା ଯକ୍ଷ୍ମା ନୁହେଁ ମାତ୍ର ଫୁସ୍‌ଫୁସ୍‌ରେ କର୍କଟ ବୋଲି ଜଣାପଡିଥିଲା । ତାଙ୍କୁ ଅଙ୍କୋସର୍ଜରୀ ବିଭାଗରେ ଚିକିତ୍ସିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା ।ଅଙ୍କୋସର୍ଜରୀ ବିଭାଗର ମୁଖ୍ୟ ଡ. ସୁନୀଲ ଅଗ୍ରୱାଲଙ୍କ କହିବା ଅନୁଯାୟୀ ରୋଗୀଙ୍କର ବାମ ପାର୍ଶ୍ୱର୍ ଫୁସ୍‌ଫୁସ୍‌ରେ ମ୍ୟୁକୋଏପିଡରମଏଡ କ୍ୟାନସର ହୋଇଥିବା ଜଣାପଡିଲା ପରେ ଏହାର ଶଲ୍ୟ ଚିକିତ୍ସା ନିମନ୍ତେ ପ୍ରସ୍ତୁତି ହୋଇଥିଲା । ଏହି ପ୍ରକାର କର୍କଟ ୨୦ ଲକ୍ଷରେ ଜଣେ ଲୋକଙ୍କୁ ହୋଇଥାଏ ବୋଲି ଡ. ଅଗ୍ରୱାଲ କହିଛନ୍ତି । ଏହି ଅସ୍ତ୍ରୋପଚାର ପ୍ରାୟ ୫ ଘଂଟା ଧରି ହୋଇଥିଲା ଏବଂ ଏଥିରେ ତାମିଲନାଡୁସ୍ଥିତ ଥଙ୍ଗମ କ୍ୟାନସର ସେଂଟରର ବିଶେଷଜ୍ଞ ଡ. ସରଭାନା ରାଜାମନିକମ ସାମିଲ ହୋଇଥିଲେ । ଡାକ୍ତର ରାଜାମନିକମ ଫୁସ୍‌ଫୁସ୍ କର୍କଟ ଚିକିତ୍ସାରେ ଜଣେ ବିଶିଷ୍ଟ ବିଶେଷଜ୍ଞ ଭାବେ ପରିଚିତ । ଏହି ପ୍ରକାର ଅସ୍ତ୍ରେପଚାରରେ ଚୀନ ସ୍ଥିତ ସାଂଘାଇ ଠାରେ ବିଶେଷ ତାଲିମ ପାଇଥିବା ଡାକ୍ତର ଅଗ୍ରୱାଲ କହିଲେ ସମ୍ ହସ୍ପିଟାଲ କର୍ତୃପକ୍ଷ ଏହି ଅସ୍ତ୍ରୋପଚାର ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ପୂର୍ବରୁ ଯୋଗାଡ କରି ରଖିଥିବାରୁ ଏହା ସମ୍ଭବ ହୋଇପାରିଲା । ଏଥି ନିମନ୍ତେ ସେ ସୋଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ନାତିର ଟାଙ୍ଗିଆ ଚୋଟରେ ଅଜାର ମୃତ୍ୟୁ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର,୧୯/୩ (ନି.ପ୍ର): ନାତିର ଟାଙ୍ଗିଆ ଚୋଟରେ ଅଜାର ମୃତ୍ୟୁ ମାମଲାରେ ଅଭିଯୁକ୍ତକୁ ଗିରଫ କରି ଆଜି ସଂନ୍ଧ୍ୟା ୫ଟା ୩୦ ମିନିଟରେ କୋର୍ଟ ଚାଲାଣ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ସୌରାଗୁଡାର ବିଶ୍ୱନାଥ ସୌରା (୨୫) । ଜୟପୁର ସୌରାଗୁଡାର ରତ୍ନା ନାଗ ସୋମବାର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ ଯେ, ୧୬।୩।୨୫ ତାରିଖରେ ରାତ୍ର ୮ଟାରେ ଅଭିଯୁକ୍ତ ନାତି ବିଶ୍ୱନାଥ ସୌରା ଏକ ଟାଙ୍ଗିଆରେ ଅଜା ଘନ ପତି ସୌରାଙ୍କୁ ଆକ୍ରମଣ କରିଥିଲା । ଅଭିଯୁକ୍ତ ବିଶ୍ୱନାଥ ସୌରାଙ୍କ ପତ୍ନି ସୁଭଦ୍ରା ସୌରା ଆକ୍ରମଣ କରିବାକୁ ମନା କରିଥିଲେ ମଧ ବିଶ୍ୱନାଥ ଶୁଣିନଥିଲେ । ଟାଙ୍ଗିଆ ଆକ୍ରମଣରେ ଘନପତି ସୌରା ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୋହୁ ରତ୍ନା ନାଗଙ୍କ ଲିଖିତ ଅଭିଯୋଗ କ୍ରମେ ଜୟପୁର ସଦର ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା । ପୋଲିସ ସହ ସାଇଂଟିଫିକ୍ ଟିମ୍, ସନ୍ଧାନି କୁକୁର ତଦନ୍ତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଉଚ୍ଛେଦ ହେଲା ପାଣିନାଳ ଜବରଦଖଲ: ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନହେବାକୁ ନେଇ ଅଭିଯୋଗ




ଭଦ୍ରକ, ୧୯/୩ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଆଗରପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ କୁଆଁସମଡିଆ ମୌଜାରେ ପ୍ଲଟନଂ-୫୭୮,କିସମ-ରକ୍ଷିତ ଜମି ଉପରେ ପାଣିନାଳ ଥିବା ବେଳେ ଜଣେ ବ୍ୟକ୍ତି ନିଜସ୍ୱ ଜମି ମଧ୍ୟରେ ପକ୍କା ପାଚେରି କରି ଉକ୍ତ ପାଣିନାଳକୁ ଜବରଦଖଲ କରିଥିଲେ । ଯାହା ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ନିଜନିଜ ଚାଷଜମିକୁ ଚାଷୀମାନେ ଯାତାୟାତ କରବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ପାଣିନାଳକୁ ଜବରଦଖଲ କରାଯାଇଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଥିଲେ । ଏନେଇ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲା ପରେ ଅଭିଯୋଗର ଶୁଣାଣୀ କରି ଜିଲ୍ଲାପାଳଙ୍କୁ ଏହାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ଜିଲ୍ଲାପାଳ ବନ୍ତ ତହସିଲଦାରଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ଜୁନ ମାସ ୧୯ ତାରିଖରେ ତହସିଲଦାର ବନ୍ତ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ଅନୁସନ୍ଧାନ କରି ଉପରୋକ୍ତ ପ୍ଲଟ ଉପରେ ପାଣିନାଳ ଥିବା ବେଳେ ଜବରଦଖଲକାରୀ ସିମେଣ୍ଟ ପାଚେରୀ ମଝିରେ ପାଣି ଯିବା ପାଇଁ ନାଳ ରଖିଥିବା ନେଇ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଥିଲା । ଉକ୍ତ ରିପୋର୍ଟ ଖବର ଜଣାପଡ଼ିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହେବା ସହ ତଦନ୍ତର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଚାଷୀ ମାନଙ୍କ ପକ୍ଷରୁ କାଡ଼ା ବିଭାଗକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପତ୍ରରେ ପକ୍ଷ କରାଯାଇଥିବାରୁ କାଡ଼ା ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ଜୁଲାଇ ୨୭ ତାରିଖରେ କାଡ଼ା ବିଭାଗର ଭଦ୍ରକ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଛୋଟରାୟ,ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ନାରାୟଣ ପ୍ରଧାନ,କନିଷ୍ଠ ଯନ୍ତ୍ରୀ ବିଜୟ ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରି କାଡ଼ା ନାଳ ଉପରେ ବେଆଇନ ଭାବେ ପାଚେରୀ ନିର୍ମାଣ କରାଯାଇଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଇତି ମଧ୍ୟରେ ୭ମାସ ବିତିଯିବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା ପାଣିନାଳକୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି । ଏହି ଉଚ୍ଛେଦ ପ୍ରକ୍ରିୟାରେ ଅତିରିକ୍ତ ତହସିଲଦାର ବନ୍ତ ପ୍ରସନ୍ନ ମହାନ୍ତି,ଆଗରପଡ଼ା ଥାନା ଅଧିକାରୀ ଶ୍ରୀକାନ୍ତ ପତି,ରାଜସ୍ୱ ପରିଦର୍ଶକ ବ୍ରଜ କିଶୋର ଦାସ,ରାଜସ୍ୱ ନିରୀକ୍ଷକ,କାଡ଼ା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା । ଅପରପକ୍ଷରେ ସରକାରୀ ଚକବନ୍ଦୀ ନକ୍ସା ଅନୁସାରେ ଅଣିକୋ ଶାଖା କେନାଲ(କୁଆଁଶମଡିଆ ମୌଜା ଜଳସେଚନ ଅଫିସ ସନ୍ନିକଟ)ରୁ ଆଉଟ୍‌ଲେଟ୍ ଦ୍ୱାରା ଏକ ପ୍ରଧାନ ପାଣିନାଳ ଖାତା ନଂ-୨୮୪,ପ୍ଲଟ ନଂ-୫୩୭,ରକବା-ଏ୦-୧୧ଡ଼ି. ଦୀର୍ଘ ୫୦୦ ମି.ପର୍ଯ୍ୟନ୍ତ ସ୍ଥିତାବସ୍ଥା ହରାଇ ବସିଛି । ଉକ୍ତ ଆଉଟ୍‌ଲେଟ୍ ଆରମ୍ଭରୁ ପ୍ରଧାନ ପାଣିନାଳ ଉପରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ୍ ଭାବେ ପକ୍କାଘର ନିର୍ମାଣ କରିବା ସହ ଉକ୍ତ ମୌଜାର ପାଖାପାଖି ୨୫ରୁ ଉର୍ଦ୍ଧ୍ୱ ପ୍ରଧାନ ପାଣିନାଳ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଅଛି । ଯଦ୍ୱାରା ସମସ୍ତ ଚାଷ ଜମିକୁ ଜଳ ନିଷ୍କାସନ ହୋଇପାରୁନାହିଁ କି ଚାଷ ଜମିରେ ପାଣି ପହଂଚି ପାରୁନାହିଁ । ତେଣୁ ଏହାର ବିଧିବଦ୍ଧ ତଦନ୍ତ କରିବା ସହ ପ୍ରଧାନ ପାଣିନାଳ ଉପରେ ବେଆଇନ୍ ସ୍ଥାୟୀ ପକ୍କାଗୃହକୁ ଉଚ୍ଛେଦ ଓ ଅବରୋଧ ହୋଇ ରହିଥିବା ସମସ୍ତ ପ୍ରଧାନ ପାଣିନାଳକୁ ଅବରୋଧ ମୁକ୍ତ କରିବା ପାଇଁ ଆଗରପଡ଼ା ୧୪ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ,ବିଟିପୁର ସରପଂଚ ସୁଭଦ୍ରା ସିଂହ,ବଡ଼ମହିଁଷଗୋଠ ସରପଂଚ ବିନୋଦିନୀ ମହାନ୍ତି,ପୁରୁଷଣ୍ଡ ସରପଂଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସମିତି ସଭ୍ୟା ପଦ୍ମାବତୀ ନାଥଶର୍ମା, ମା'ଚଣ୍ଡି ପାଣି ପଂଚାୟତ ସଭାପତି ଦିପକ ମହାନ୍ତି, ସମ୍ପାଦକ ପଦ୍ମଲୋଚନ ନାଥଶର୍ମାଙ୍କ ସମତେ କୁଆଁଶମଡିଆ ଅଧିନସ୍ଥ ସମସ୍ତ ଚାଷୀ ଓ ପଂଚାୟତ ବାସୀ ଜିଲ୍ଲାପାଳଙ୍କୁ ଗତ ଜୁଲାଇ ମାସରେ ପତ୍ର ଲେଖିଥିବା ଜଣାପଡ଼ିଥିଲା । ତତ୍ ସହିତ ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ଭଦ୍ରକ, ତହସିଲଦାର ବନ୍ତ ଓ ନିର୍ବାହୀଯନ୍ତ୍ରୀ କାଡ଼ା,ଭଦ୍ରକଙ୍କୁ ପ୍ରେରଣ ମଧ୍ୟ କରିଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ ଉକ୍ତ ଅଭିଯୋଗକୁ ଗୁରୁତ୍ୱ ନିଆ ନଯିବାକୁ ନେଇ ପୁରୁଷଣ୍ଡ ପଂଚାୟତ ସରପଂଚ ଓ ପାଣି ପଂଚାୟତ ସଭାପତି ପ୍ରମୁଖ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯/୩ (ନି.ପ୍ର): ଆଗାମୀ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟରେ ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ବହୁବିଧ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରିଛନ୍ତି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ସମସ୍ତ ବନଖଣ୍ଡରେ ଜଙ୍ଗଲ ଅଗ୍ନି ପ୍ରତିରୋଧକ ବାହିନୀ ପାଇଁ ଅଗ୍ନି ସଚେତନତା ସଭା ଏବଂ ପ୍ରଶିକ୍ଷଣ ସହିତ ମକ୍ ଡ୍ରିଲ୍ ସମ୍ପନ୍ନ ହୋଇସାରିଛି। ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ନୂତନ ଅଗ୍ନି ରେଖା ସୃଷ୍ଟି କରାଯାଇଛି ଏବଂ ପୁରାତନ ଅଗ୍ନି ରେଖାର ରକ୍ଷଣାବେକ୍ଷଣ କରାଯାଇଛି ।

# ଏପ୍ରିଲ ୧୪ରୁ ବାରିପଦାରେ ବଳାଙ୍ଗୀ ମହୋତ୍ସବ




ବାରିପଦା, ୧୯/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ସମୃଦ୍ଧି ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୩ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୫ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ତାରିଖ ରବିବାର ଦିନ ପୋଡା ଅସ୍ତିଆ ନିକଟ ଡିଭାଇନ ଇଞ୍ଜିନିୟରିଙ୍ଗ କଲେଜ ଅଡିଟରୀୟମ ଥରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ରାଜକିଶୋର ଦାସ, ଅଧକ୍ଷ୍ୟ ଅରବିନ୍ଦ ଦାସ, ଉପାଧକ୍ଷ୍ୟ ରାଜୀବ ଲୋଚନ ସେନାପତି, ବରିଷ୍ଠ ସଦସ୍ୟ ମନୋଜ କୁମାର ଦଳ ବେହେରା, ଡ଼. ଶଶୀଧର ବିଶ୍ୱାଳ, କାବେରୀ ମିଶ୍ର, ଭାଗବତ ପଣ୍ଡା, ଅଶୋକ କୁମାର ପଲେଇ, ଇନ୍ଦୁମତି ମହାନ୍ତି, ଅସିତ କୁମାର ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ଦାସ ପଟ୍ଟନାୟକ, ବିଭୁଦତ୍ତ ଦାସ, ଅଜୟ କୁମାର ପାଳ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ଉଦୟ ନାଥ ଜେନା, ପିତାମ୍ବର ମଲ୍ଲିକ, ଗୋପାଳ ସାଓ, ମିଥୁନ ବାରିକ, ସନତ କୁମାର ବାରିକ, ଗୋଲୋକ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ନିକଟ ଅତୀତରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାବାସୀ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ ସେବାବଦରେ ମତାମତ ରଖିଥିଲେ। ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯିବା ସହ ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିଲେ।

# ଓଜେଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କଲେ ମନୀଷା: ରାଜ୍ୟସ୍ତରରେ ୧୦ତମ ରାଙ୍କ କଲେ ହାସଲ



ବାରିପଦା, ୧୯/୩ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓ.ପି.ଏସ.ସି) ଦ୍ୱାରା ପରିଚାଳିତ ଓଜେଏସ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ବାରିପଦାର ମନୀଷା ଦାସ ୧୦ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଯାହାକି ମୟୁରଭଞ୍ଜ ଜିଲ୍ଲା ତଥା ବାରିପଦା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ବାରିପଦା ସହରର ଦେଉଳସାହି, ୱାର୍ଡ ନମ୍ବର ୮ ନିବାସୀ ବିଜୟ ଚନ୍ଦ୍ର ଦାସ ଓ ସଂଯୁକ୍ତା ଦାସଙ୍କ ଝିଅ ମନୀଷା ଅଟନ୍ତି। ପିତା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମାତା ଗୃହିଣୀ ଅଟନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ଭଗବାନ, ପରିବାର ସଦସ୍ୟ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ବାରିପଦାରେ ଯୁକ୍ତ ତିନି ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ ପରେ ଦିଲ୍ଲୀରେ କମ୍ପାନୀ ସେକ୍ରେଟାରୀ ଅଧ୍ୟୟନ କରିଥିଲେ। ଏହାପରେ ଏଲଏଲବି ଓ ଏଲଏଲଏମ ଉତ୍ତୀର୍ଣ୍ଣ କରିଥିଲେ। ଏହାସହିତ ଓଜେଏସ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କର କଠିନ ପରିଶ୍ରମ ହିଁ ତାଙ୍କୁ ଏହି ସଫଳତା ଆଣିଦେଇଛି। ଉକ୍ତ ସଫଳତା ପାଇଁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜଣାଯାଇଛି।

## ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୧୯/୩ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ରାଜ୍ୟ ଏନ.ଏସ. ଏସ ଶାଖା ଏବଂ ବିଭାଗର ସାଂସ୍କୃତିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେଡ଼କ୍ରସ ଆଂଚଳିକ ରକ୍ତଭଣ୍ଡାର, ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଛି। ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଆନୁଷ୍ଠାନିକ ଭାବରେ ରକ୍ତଦାନ ଶିବିରର ଉଦଘାଟନ କରିବା ସହିତ ନିଜେ ମଧ ରକ୍ତଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୋରଞ୍ଜନ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ଏନ. ଏସ. ଏସ ଏବଂ ରେଡ଼କ୍ରସ ସ୍ୱେଚ୍ଛାସେବୀମାନେ ଏହି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ।


**GOVERNMENT OF ODISHA, DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, MECHANICAL DIVISION,**
**HIRAKUD-768016, DIST.SAMBALPUR**
E-mail: eesmd_hkd@yahoo.com

**Tender Call Notice (Bid Identification No-SE/MDH/12/2024-25 dt.17.03.2025**

| | |
|---|---|
| 1. Name of the Work | : Manufacturing, Supply, Erection & Repair of Hydraulic Gates of different Check Dams & MIPs |
| 2. No. of Works | : 18 (Thirteen) |
| 3. Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates. |
| 4. Bid Identification No. | : SE/MDH-12/2024-25 dt.17.03.2025 |
| 5. Estimated Cost | : Varies from Rs.0.97Lakh to 4.98Lakh (Excluding GST) |
| 6. Period of Completion of work | : One Calendar Month each work |
| 7. Date & time available for sale of Bid Documents in the O/o the undersigned | : From dt.24.03.2025 (10.30 AM) to dt.02.04.2025 (05.30 PM) |
| 8. Last date/ time for receipt of Bid Document in the O/o undersigned | : dt.02.04.2025 (up to 05.30 PM) |
| 9. Date and Place of opening of Bid in the O/o the undersigned) | : dt.03.04.2025 (10.30 AM onwards) |
| 10. Name of the Officer inviting the Bid | : Superintending Engineer, Mechanical Division, Hirakud |

**Further details can be seen in the office of the Superintending Engineer, Mechanical Division, Hirakud during office hours.**

SUPERINTENDING ENGINEER (M)
MECHANICAL DIVISION, HIRAKUD

OIPR: 32444/11/0017/2425


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନବ ଦାସ ହତ୍ୟା ...

ମୁଖ୍ୟମନ୍ତ୍ରୀଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ନବ ଦାସଙ୍କ ଝିଅ ଦୀପାଳି ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସିବିଆଇ ତଦନ୍ତ ପାଇଁ ପରିବାର ତରଫରୁ ଅନୁରୋଧ କରାଯାଇଛି। ଏହାସହ ବାପାଙ୍କ ହତ୍ୟା ପରେ ଆମ ପରିବାର ଅସୁରକ୍ଷିତ ଅନୁଭବ କରୁଛି। ତେଣୁ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ମଧ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ନବ ଦାସଙ୍କ ପରିବାର ତରଫରୁ ତାଙ୍କର ପତ୍ନୀ ମୀନତି ଦାସ, ପୂର୍ବତନ ବିଧାୟକ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଉପସ୍ଥିତ ଥିଲେ। ସେହିପରି ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ପୁଲିସ ଡିଜି ୱାଇ.ବି ଖୁରାନିଆ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମଧ ଉପସ୍ଥିତ ଥିଲେ।

### ଏପ୍ରିଲ ୨ରୁ ସକାଳୁଆ ...

ତାତି ବଢ଼ିଲେ ଛୁଟି ଘୋଷଣା କରିପାରିବେ ଜିଲ୍ଲାପାଳ । ହୋମ୍ ଡେଲିଭରି ହେବ ଶିଶୁଙ୍କ ଖାଦ୍ୟ । ରାଜ୍ୟରେ ଅଂଶୁଘାତ ମୃତ୍ୟୁ ରୋକିବାକୁ ସରକାରଙ୍କ ଗୁରୁତ୍ୱ । ଜିଲ୍ଲାରେ ତାପମାତ୍ରାକୁ ଦେଖି ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ । ସରକାରଙ୍କ ଅନୁମତି ବିନା ଜଳଛତ୍ର ଏବଂ ଛାଇ ପାଇଁ ବ୍ୟବସ୍ଥା କରିହେବ । କାମ ହେବା ପରେ ଅର୍ଥ ମଞ୍ଜୁର କରିବେ ସରକାର । ଦିନ ୧୧ରୁ ୩ଟା ଏବଂ ରାତି ୯ରୁ ସକାଳ ୬ଟା ଯାଏ ହେବନାହିଁ ପାୱାର କଟ୍ । ଏଥିପାଇଁ ବିଜୁଳି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଦିନ ୧୧ଟାରୁ ୩ଟା ଯାଏ ଶ୍ରମିକମାନଙ୍କ ପାଇଁ କାମ ବନ୍ଦ ରହିବ । ମଙ୍ଗଳବାର ରାଜ୍ୟରେ ଗ୍ରୀଷ୍ମ ମୁକାବିଲା ନେଇ ସମୀକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ । ଚଳିତ ବର୍ଷ ଅଂଶୁଘାତରେ ଯେପରି ଗୋଟିଏ ବି ଜୀବନ ନଯାଏ ତାହା ଉପରେ ଗୁରୁତ୍ୱ ଦିଆଯାଇଛି । ତେବେ ସରକାରଙ୍କ ଏହି ପଦକ୍ଷେପ କେତେ ସଫଳ ହେଉଛି ତାହା ଉପରେ ନଜର ।

### ରାଜା ଖୋଲିବ...

କରିଛି ଇଓଡବ୍ଲୁ। ଯାହାଫଳରେ ଏହି ମାମଲାରେ ଆଗାମୀ ଦିନରେ ବଡ଼ ବଡ଼ ନେତା ଓ ପ୍ରଶାସକଙ୍କ ଲିଙ୍କ୍ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି। ଗତ ୧୪ ତାରିଖରେ ରାଜାକୁ ଗିରଫ କରି କୋର୍ଟରେ ହାଜର କରିଥିଲା କ୍ରାଇମବ୍ରାଞ୍ଚ । ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ହେରଫେର ମାମଲାରେ ରାଜାକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ରଡ଼ଡ। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, କେନ୍ଦୁଝର ଶୁଆକାଟିରେ ପ୍ରଥମେ ୧୦ରୁ ୧୧ଟି ଗାଁ ଲୋକ ମିଶି ଏଇ ଗନ୍ଧମାର୍ଦ୍ଦନ ଲୋଡିଂ ସମବାୟ ସମିତି ଗଢ଼ିଥିଲେ । ଉଦ୍ଦେଶ୍ୟ ଥିଲା, ଏଥିରୁ ଯାହା ଲାଭ ହେବ ସେଥିରେ ଅଞ୍ଚଳର ବିକାଶ ହେବ, ଲୋକଙ୍କୁ ରୋଜଗାର ମିଳିବ । ବାହାରର କେହି ଲୋକ ସୋସାଇଟିରେ ରହିପାରିବେ ନାହିଁ । କିନ୍ତୁ ବାହାରର ପ୍ରଭାବଶାଳୀ ନେତା ଓ ପ୍ରଶାସକଙ୍କୁ ଧରି ବିଜେଡି ନେତା ରାଜା ଚକ୍ର ଏଥିରେ ଏଣ୍ଟ୍ରି ମାରିଲା । ସଭାପତି ଓ ସଂପାଦକଙ୍କୁ ସଖୀ କଣ୍ଢେଇ କରି ପ୍ରଭାବଶାଳୀ ନେତା ରାଜାଙ୍କ ଜରିଆରେ ଠାକୁର ଖାଇ ଖଟୁଲି ଖାଇଲା ଭଳି ପୂରା ସୋସାଇଟିକୁ ଖୋଳ କରି ଚାଲିଲା । ୨୦୧୨-୧୩ ପରେ ସଂସ୍ଥାର ଅଡିଟ୍ ହେଲାନି । ଯେଉଁ ୨୦୧୭-୧୮ରୁ ମାର୍ଚ୍ଚ ୨୦୨୪ ଯାଏଁ ସୋସାଇଟି ଖାତାରେ ୧୮୫ କୋଟି ଇନକମ୍ ଦର୍ଶାଗଲା, ତାହା ବି କେମିତି ହଡ଼ପ ହେଲା ତାର ଗୋଟି ଗୋଟି ହିସାବ ରଖିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ପାରିପାର୍ଶ୍ୱିକ ବିକାଶ ପାଇଁ ୩୪ କୋଟି ଖର୍ଚ୍ଚ ଦର୍ଶାଇ ପୂରା ଅର୍ଥ ଚଳୁ ହୋଇଛି, ସୋସାଇଟି ଗାଡ଼ି ବଦଳରେ ନିଜ ଟ୍ରାନସପୋର୍ଟ ଗାଡ଼ି ଓ ମେସିନାରୀରେ ରାଜା ପକାଇଛି ୯.୧ କୋଟି ଟଙ୍କାର ତେଲ, ଲୋକଙ୍କ ମୁହଁ ଚୁପ କରି ସମର୍ଥନ ହାସଲ ପାଇଁ ଦୁଇ ଗାଁରେ ବଣ୍ଟା ହେଇଛି ୩୩ କୋଟି ଟଙ୍କା, ମେସିନରେ କାମ କରି ମିଛ ମଷ୍ଟର ରୋଲରେ ଲେବର କାମ କରୁଥିବା ଦର୍ଶାଇ ହଡ଼ପ କରିଛି ୭୪ କୋଟି ଟଙ୍କା । ଏସବୁ ପ୍ରମାଣ ହାତରେ ଲାଗିବା ପରେ ରାଜାକୁ ଗିରଫ କରାଯାଇଛି ।

### ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ...

ରକ୍ଷା ବନ୍ଧନ ସମୟରେ ଯେଉଁମାନେ ତାଙ୍କ ଭିତରୁ ଯୋଗ୍ୟ ହେବେ ସେହି ସମୟରେ ତାଙ୍କ କିସ୍ତି ତାଙ୍କୁ ମିଳିବ । ଆସନ୍ତା ମାର୍ଚ୍ଚ ୩୧ ଯାଏଁ ସୁଭଦ୍ରା ଆବେଦନ ଅବଧି ରହିଛି । ଯେଉଁମାନେ ବଞ୍ଚିତ ରହିଛନ୍ତି ୩୧ ପରେ ୱାନ ଟୁ ୱାନ ସର୍ଭେ ହେବ ଓ ସମସ୍ୟାର ସମାଧାନ ହେବ । ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ ୧ ଲକ୍ଷ ମହିଳା;ପୁଣି ହେବ ୱାନ ଟୁ ୱାନ ସର୍ଭେ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ ହୋଇଛନ୍ତି ୧ ଲକ୍ଷ ମହିଳା । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ରାକ୍ଷୀ ପୂର୍ଣ୍ଣିମାରେ ପାଇବେ ଦ୍ୱିତୀୟ କିସ୍ତି । ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

### ମହାଶୂନ୍ୟରୁ ଫେରିଲେ...

ସେଲସିୟସକୁ ବଢିଯାଇଥିଲା। ଅବତରଣର କିଛି ମିନିଟ ପୂର୍ବରୁ ଡ୍ରାଗନ କ୍ୟାପସୁଲରେ ଲାଗିଥିବା ୪ ଟି ପାରାସୁଟ୍ ଖୋଲାଯାଇଥିଲା। ପ୍ରଥମେ ଦୁଇଟି ପାରାସୁଟ ଖୋଲାଯାଇଥିଲା । ପରେ ଯାନର ବେଗ କମ ହେବା ପରେ ଅନ୍ୟ ୨ଟି ପାରାସୁଟ ଖୋଲିଥିଲା । ପାରାସୁଟ ଯୋଗୁଁ ଯାନର ବେଗ କମ୍ ହେବା ସହ ଧିରେ ଧିରେ ତଳକୁ ଖସି ସମୁଦ୍ରରେ ପଡିଥିଲା । ସ୍ପେସଏକ୍ସ କୁ ଡ୍ରାଗନ ସମୁଦ୍ରରେ ପଡିବା ପୂର୍ବରୁ ସେଠାରୁ ସ୍ୱତନ୍ତ୍ର ବୋଟ ମୁତୟନ ରହିଥିଲା । ମହାକାଶ ଯାନରୁ ମହାକାଶଚାରୀଙ୍କୁ ସୁରକ୍ଷିତ ବାହାର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଠାଯାଇଛି । ୪ ମହାକାଶଚାରୀ ଫେରିବା ପରେ କେବଳ ଆମେରିକା ନୁହେଁ ସାରା ବିଶ୍ୱରେ ଖୁସିର ଲହରୀ ଖେଳଯାଇଛି ।

# ମିଳିତ ଆଞ୍ଚଳିକ କୃଷକ ମଞ୍ଚର ସମୀକ୍ଷା ବୈଠକ ଅନୁଷ୍ଠିତ



ନୀଳଗିରି, ୧୯/୩ (ନି.ପ୍ର): ଔପଦା ବ୍ଲକ ବାଡଁଶବଣିଆ ପଞ୍ଚାୟତ ସଭାଗୃହରେ ଅପରାହ୍ନ ୪ ଘଟିକା ସମୟରେ ମଞ୍ଚର ଉପସଭାପତି ଉମାକାନ୍ତ ମଲିକଙ୍କ ସଭାପତିତ୍ୱରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ନିହାର ରଞ୍ଜନ ଜେନା ଗତ ରାସ୍ତାରୋକର ବିବରଣୀ ପ୍ରଦାନ କରିଥିଲେ । ବାଡଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ମିଳିଥିବା ପ୍ରତିଶୃତି ୧ ମାସ ମଧରେ ପୂରଣ ନହେଲେ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ବିଭିନ୍ନ ପ୍ରସ୍ତାବ ଦେଇଥିବା ବେଳେ ଉପସ୍ଥିତ ଥିବା ଅନ୍ୟସଦସ୍ୟ ତଥା କୃଷକନେତା ପ୍ରଭାକର ମହାପାତ୍ର, ଅନିରୁଦ୍ଧ ବେହେରା, ବିଜୟ କୁମାର ସ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ଯୋଗେଶ୍ୱର ବେହେରା, ବାସୁଦେବ ବେହେରା ଏବଂ ପ୍ରମୁଖ ସାଥିମାନେ ଏନେଇ ଆଲୋଚନା କରିଥିଲେ।୨ଟି ଟିମ ଗଠନ କରି ସଚେତନତା ସଭା କରିବା ସହିତ ଆବଶ୍ୟକ ପାଣ୍ଠି ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଆଗାମୀ ୨୩, ୨୫, ୨୭ ଏବଂ ୩୦ତାରିଖ ଯଥାକ୍ରମେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ର ସନ୍ତରାଗଡ଼ିଆ ବଜାର, କାଣ୍ଡଗରଡ଼ି ପଞ୍ଚାୟତ, ଈଶ୍ୱରପୁର ପଞ୍ଚାୟତ, ଏବଂ ଶେଷରେ ବାଡଁଶବଣିଆ ପଞ୍ଚାୟତରେ ସର୍ବସାଧାରଣ ସଚେତନତା ସଭା ଅନୁଷ୍ଠିତ ହେବାନେଇ ମଞ୍ଚ ତରଫରୁ ନିଷ୍ପତି ହୋଇଥିବା ଜଣାପଡିଛି।


**GOVT. VOCATIONAL HIGHER SECONDARY SCHOOL RUPSA, DIST- BALASORE**

Advertisement

Sealed quotation are invited through mail or hardcopy from different firms to supply of Lab equipment for tourism & hospitality trade Govt. Vocational, Higher Secondary School, Rupsa, Balasore (At- Nilamani Mahavidyalaya) by dt. 26.03.25.

**Principal**
**Govt. vocational higher secondary school**
**Rupsa, Balasore, Nilamani Mahavidyalaya**
**Mob : 9938532252/ 9439056407**
**8917538567**

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ବାସୁଦେବପୁର, ୧୯/୩ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ବଂଶୀ ପାଟଣା ଠାରେ କଳ୍ପତରୁ ଆଶ୍ରମରେ ରହୁଥିବା ଅନ୍ତେବାସୀ ମାନଙ୍କୁ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ପୁରି ,ଆଳୁଦମ୍, ମିଠା ପ୍ରଭୃତି ଖାଦ୍ୟ ବଣ୍ଟନ କରାଯାଇଛି। ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରମାକାନ୍ତ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ଏଥିରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଫାଉଣ୍ଡେସନ ର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସେହିପରି ବାସୁଦେବପୁର ସହରରେ ତୃପ୍ତି ମହିଳା ମହାବିଦ୍ୟାଳୟ ପାଖରେ ଥିବା ବୃଦ୍ଧାଶ୍ରମ ବାସନ୍ତୀ ବାଲାଜୀ ରେ ରହୁଥିବା ଅନ୍ତେବାସୀ ମାନଙ୍କୁ ପୁରି, ଆଳୁଦମ୍, ମିଠା ପ୍ରଭୃତି ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି ମାନବ ସେବା କାର୍ଯ୍ୟକ୍ରମକୁ ସମସ୍ତ ସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି। ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ପିଣ୍ଟୁ ବାବୁ ଓ ସମସ୍ତ ସଦସ୍ୟ ଅନ୍ତେବାସୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ରଙ୍ଗ ଅବିର ଲଗାଇଥିଲେ।



# ୨୨ତମ ଜାତୀୟ ନାଟକ ମହୋତ୍ସବ କାନଫେଷ୍ଟ ୨୦୨୫ ଉଦ୍‌ଘାଟିତ



ପାରାଦ୍ୱୀପ , ୧୯/୩ (ନି.ପ୍ର): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ କାନମାସ ଦ୍ୱାରା ଆୟୋଜିତ ୨୨ତମ ଜାତୀୟ ନାଟକ ମହୋତ୍ସବ ୨୦୨୫କୁ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରି ଥିଲେ । ବନ୍ଦରର ସିଏମଇ ସୁଶିଲ ନାହାକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ କାନମାସର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ କହିଥିଲେ ଯେ କାନମାସ ପ୍ରତି ବର୍ଷ ଏହାକୁ ଆୟୋଜନ କରି ବନ୍ଦର ସହରର ଅନ୍ତେବାସୀ ମାନଙ୍କୁ କେବଳ ମନୋରଞ୍ଜନର ଖୋରାକ ଯୋଗାଇ ଦେଇନାହିଁ ତା ସଙ୍ଗେ ସଙ୍ଗେ ପାରାଦୀପକୁ ଦେଶର ନାଟକ ତଥା ସଂସ୍କୃତି ମାନଚିତ୍ରରେ ଏକ ଅନନ୍ୟ ସ୍ଥାନ ଦେଇଛି ଯେଉଁଥିପାଇଁ କାନମାସ ପ୍ରଶଂସାର ପାତ୍ର । ଅନ୍ୟତମ ଅତିଥି ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା କାନମାସର ପ୍ରଚେଷ୍ଟାର ଭୁଇଅସି ପ୍ରଶଂସା କରିବା ସଙ୍ଗେ ସଙ୍ଗେ ମହୋତ୍ସବର ସଫଳତା କାମନା କରିଥିଲେ । ଏହି ଅବସରରେ ପାରାଦୀପ ରିଫାଇନାରିର ସିଜିଏମ ସମ୍ଭୁ ଚକ୍ରବର୍ତି, ପାରାଦୀପର ଏଡିଏମ୍ ନିରଞ୍ଜନ ବେହେରା, ଓଡ଼ିଶାର ପ୍ରସିଦ୍ଧ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ, ବନ୍ଦର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁ ମଞ୍ଚାସିନ ଥିଲେ । ଏହି ଅବସରରେ ଶଙ୍କର ତ୍ରିପାଠୀଙ୍କୁ ଜୀବନ ବ୍ୟାପି ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁଖ୍ୟ ଅତିଥି ନାଟକ ମହୋତ୍ସବ ଅବସରରେ କାନଫେଷ୍ଟ ୨୦୨୫ ସ୍ମରଣିକା ଉନ୍ମୋଚନ କରିଥିଲେ ଏବଂ ତା ସଙ୍ଗେ ସଙ୍ଗେ ଦୀପକ ରଞ୍ଜନ ପତିଙ୍କୁ ମନୋଜ ସ୍ମୃତି ସମ୍ମାନ ପ୍ରଦାନ ହୋଇଥିଲା । ଉଦ୍ଘାଟନୀ ସଂଧ୍ୟାରେ ମୁମ୍ବାଇର ସମ୍ପୋର୍ଣ୍ଣମର କଳାକାର ମାନେ କୁଲ୍ଜିନ୍ଦର୍ ବକ୍ସି ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ କର୍ଣ୍ଣ ମଞ୍ଚସ୍ଥ କରିଥିଲେ । ଏହା ଏକ ପରୀକ୍ଷାମୂଳକ ନାଟକ । ନାଟକରେ କେବଳ ତିନି ଜଣ ମହିଳା କଳାକାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଏବଂ ଆମ ଦେଶର ଲୁପ୍ତପ୍ରାୟ ପ୍ରାଚୀନ କଳା ଯେପରିକି ମୟୁରଭଞ୍ଜ ଛଉ, ମଣିପୁର ମାର୍ଶାଲ ଆର୍ଟ ଥଙ୍ଗ ତା, କଳରିପାୟୁତୁ ଆଦି ଏଥିରେ ବ୍ୟବହାର କରାଯାଇଛି । ଆଜିର ସମୟରେ ଯିଏ ନିଜ ପ୍ରତିଭାର ଆଧାରରେ ଆଗକୁ ବଢ଼ନ୍ତି ସେମାନଙ୍କ ମଧ୍ୟରେ କର୍ଣ୍ଣର ଏକ ଅଂଶ ରହିଛି କିନ୍ତୁ ଆଜି ମଧ୍ୟ ଏପରି ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ସମାଜ ତାଙ୍କ ବିଶ୍ୱାସକୁ ଭାଙ୍ଗିବାକୁ ଆଗ୍ରହୀ । ତେଣୁ ସେ ତାଙ୍କ ଜାତି ଏବଂ ଚରିତ୍ର ମଧ୍ୟରେ ଦୋଷ ଖୋଜିବା ଆରମ୍ଭ କରନ୍ତି । ଏହା କର୍ଣ୍ଣଙ୍କ ଅନନ୍ତ କାହାଣୀ ଏବଂ ଯନ୍ତ୍ରଣା । ମୂଳତଃ କର୍ଣ୍ଣ କେବଳ ଏକ ଚରିତ୍ର ଭାବରେ ନୁହେଁ ବରଂ ଏକ ପ୍ରଶ୍ନ ଭାବରେ ଉଭା ହୋଇଛନ୍ତି, ଯାହା ମାଧ୍ୟମରେ ମାନବ ଅବସ୍ଥାର ଜଟୀଳତାକୁ ଆତ୍ମନିରିକ୍ଷଣ ପାଇଁ ପ୍ରତିଫଳିତ କରାଯାଇଛି । ପରିଶେଷରେ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁ ଧନ୍ୟବାଦ୍ ଦେଇଥିଲେ ।

# ଟ୍ରାକ୍ଟର ଚକା ଚଢ଼ିଯିବାରୁ ଡ୍ରାଇଭରଙ୍କ ଶୋଚନୀୟ ମୃତ୍ୟୁ

ନୀଳଗିରି, ୧୯/୩ (ନି.ପ୍ର): ମାଟି ଉଠାଉଥିବା ବେଳେ ଟ୍ରାକ୍ଟର ଉପରେ ବସିଥିବା ଜଣେ ଡ୍ରାଇଭର ଉପରୁ ତଳକୁ ଖସିପଡିବା ଫଳରେ ଡ୍ରାଇଭର ମୁଣ୍ଡ ଉପରେ ଚକା ଚଢି ଯିବାରୁ ଘଟଣାସ୍ଥଳରେ ସଂପୃକ୍ତ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ ବରହମପୁର ଥାନା ଭଉଁରୀଆବାଡ ପଞ୍ଚାୟତ ବାଲିଆଝର ଗ୍ରାମର ଫୁମ୍ପୁଲୁ ସିଂ (୪୮) ଟ୍ରାକ୍ଟର ଡ୍ରାଇଭର ଭାବେ ସୋର ଥାନା ଖଞ୍ଜାମାହଲ ପାହାଡ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇବାକୁ ଯାଇଥିଲେ। ତେବେ ଡ୍ରାଇଭର ଫୁମ୍ପୁଲୁ ଗାଡ଼ି ଉପରେ ବସିଥିବା ବେଳେ ପାଖରେଥିବା ଅନ୍ୟଜଣେ ଲୋକ ହଠାତ୍ ଟ୍ରାକ୍ଟର ଷ୍ଟାର୍ଟ କରିଦେବାରୁ ଫୁମ୍ପୁଲୁ ତଳକୁ ଖସିପଡ଼ିବା ଫଳରେ ଗାଡିଚକା ତାଙ୍କ ମୁଣ୍ଡ ଉପରେ ଚାଲିଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ଫୁମ୍ପୁଲୁର ଜୀବନ ଚାଲିଯାଇଥିଲା। ତେବେ ସ୍ଥାନୀୟଲୋକ ସଙ୍ଗେସଙ୍ଗେ ତାଙ୍କୁ ସୋର ହସ୍ପିଟାଲ୍ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏଭଳି ଦୁଃଖଦ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଦାବୀ ହୋଇଛି।

# ପୁଅର ଅତ୍ୟାଚାର ସହିନପାରି ବୁଢା ବାପା ମା' ଥାନାର ଦ୍ୱାରସ୍ଥ



ବାଲିଆପାଳ/ଲଙ୍ଗଳେଶ୍ୱର , ୧୯/୩ (ନି.ପ୍ର): ପୁଅ ବହୁର ଅତ୍ୟାଚାର ସହିନପାରି ଶେଷରେ ଥାନାର ଦ୍ୱାରସ୍ଥ ହେଲେ ବୁଢା ବାପା ମାଁ। ତେବେ ଏପରି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଧୀନ ବାଲିକୁଟୀ ଗ୍ରାମରେ।ବାଲିକୁଟୀ ଗ୍ରାମର ରବିନ୍ଦ୍ର ଧଳ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ଧଳ। ତେବେ ସେମାନଙ୍କର ତିନିଜଣ ପୁଅ ଥିବାବେଳେ ବଡ଼ପୁଅ ଘରେ ରହି ବ୍ୟବସାୟ କରୁଥିବାବେଳେ ସାନ ଓ ମଝିଆ ପୁଅ ବାହାର ରାଜ୍ୟରେ ରହି କାମକରନ୍ତି। ତେବେ ତିନିମାସ ତଳେ ମଝିଆଁ ପୁଅ କରୁଣାକର ଧଳ ଏକ ବିବାହିତା ମହିଳାକୁ ନିଜ ସାଙ୍ଗରେ ଘରକୁ ଆଣିବା ସହ ଏକ ଛୋଟ ଝିଅମଧ ତାଙ୍କ ସହ ଥିଲେ। ତେବେ ବିବାହିତା ମହିଳା ବାବଦରେ ପଚାରିବାରୁ ସେ ମହିଳାର ପରିଚୟ ନଦେବାସହ ସମସ୍ତଙ୍କୁ ଗାଳିଗୁଲଜ କରିଥିଲା। ତେବେ ସଂପୃକ୍ତ ମହିଳା ଜଣକ ବଡପୁଅ ନାମରେ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲା ବେଳେ ଗ୍ରାମ ମୁଖିଆଙ୍କ ହସ୍ତକ୍ଷେପ ଫଳରେ ଗ୍ରାମବାସୀମାନେ ସମାଧାନ କରିଥିଲେ। ତେବେ ଗତ ତିନିଦିନ ତଳେ ବାଲିଆପାଳ ଥାନାରେ ଏକ ଏତଲା ଦେବାକୁ ନେଇ ମା ବାସନ୍ତୀ ପୁଅକୁ ପଚାରନ୍ତେ ପୁଅ କରୁଣାକର ଓ ତାଙ୍କ ସହ ଥିବା ମହିଳା ଜଣକ ମା ବାସନ୍ତୀ କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ପାରିବାରିକ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଛି। ତେବେ ସେପଟେ କରୁଣାକର ର ଭାଇ ବହୁ ସୁକାନ୍ତି ଧଳ ନିଜ ଦେଢଶୁର ନାମରେ ତାଙ୍କୁ ଗାଳି ଦେବା ଓ ପିଟିଥିବା ନେଇ ବାଲିଆପାଳ ଥାନାରେ ଆଉଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘରୋଇ କଳିରୁ ଥାନାରେ ତିନି ପକ୍ଷରୁ ତିନୋଟି ଏତଲା ହୋଇଥିବା ବେଳେ ବାଲିଆପାଳ ପୋଲିସ୍ କି ପଦକ୍ଷେପ ନେଉଛନ୍ତି।

# ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




ନୂଆଦିଲ୍ଲୀ, ୧୯/୩ (ନି.ପ୍ର): ଚଳିତ ମାର୍ଚ୍ଚ ମାସ ୧୮ ତାରିଖରେ ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ମୁମ୍ବାଇର ବାନ୍ଦ୍ରାରେ ରଙ୍ଗଶାରଦା ଅଡିଟୋରିୟମରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଇଥିଲା ।ଏହି ଉତ୍ସବରେ ମୂଖ୍ୟ ଅତିଥି ରୂପେ ସାଂସ୍କୃତିକ ମନ୍ତ୍ରୀ ମାନନୀୟ ଶ୍ରୀ ଆଶିଷ ଶେଲାର, ମୂଖ୍ୟ ସଚିବ ଶ୍ରୀ ବିକାଶ ଖାରଗେ ,ପୂର୍ବ ରାଜ୍ୟମନ୍ତ୍ରୀ ମାନନୀୟ ଅମରଜିତ୍ ମିଶ୍ର, ସାହିତ୍ୟ ଏକାଡେମି ଅଧକ୍ଷ ଡଃ ଶୀତଳା ପ୍ରସାଦ ଦୁବେ, ଉପାଧକ୍ଷ ଶ୍ରୀମତୀ ମଞ୍ଜୁ ଲୋଢା, ବରିଷ୍ଠ ଲେଖକ ସୁଧାକର ମିଶ୍ର ଓ ବିମଳ ମିଶ୍ର ଉପସ୍ଥିତ ଥିଲେ । ଏହି ଉତ୍ସବରେ ପାରମିତାଙ୍କର ହିନ୍ଦୀ ଗଳ୍ପ ସଂକଳନ " ସମ୍ବିତ କେ ପାସ ଜବ ମେ ନହିଁ ଥି" କୁ ୨୦୨୫ ମସିହାରେ ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମି ତରଫରୁ "ମୁନସୀ ପ୍ରେମଚନ୍ଦ କାହାଣୀ ପୁରସ୍କାର" ପ୍ରଦାନ କରା ଯାଇଛି । ଲକ୍ଷ୍ନୌର ଶତରଙ୍ଗ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ଗଳ୍ପ ସଙ୍କଳନରେ ୧୩ ଟି କାହାଣୀ ପ୍ରକାଶିତ। ପାରମିତା ଷଡ଼ଙ୍ଗୀ ଉଭୟ ଓଡ଼ିଆ ଓ ହିନ୍ଦରେ ଲେଖନ୍ତି। ସେ ହେଉଛନ୍ତି ପ୍ରଥମ ଓଡ଼ିଆ , ଯେକି ଅନ୍ୟ ରାଜ୍ୟର ସାହିତ୍ୟ ଏକାଡେମି ପୁରସ୍କାର ପାଇଛନ୍ତି। ପାରମିତା ଷଡ଼ଙ୍ଗୀ ଓଡିଶାର ସୁପ୍ରସିଦ୍ଧ କବି ଡଃ ବଂଶୀଧର ଷଡ଼ଙ୍ଗୀଙ୍କର କନ୍ୟା । ତାଙ୍କର ହିନ୍ଦୀ ଓ ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ୧୬ଟି ବହି ପ୍ରକାଶିତ। ତାଙ୍କର ହିନ୍ଦୀରେ ରଚିତ "ଇଜ୍ୟା" ପାଠକଙ୍କ ଦ୍ୱାରା ବହୁଳ ଆଦୃତ ଓ ଅନେକ ପୁରସ୍କାରରେ ପୁରସ୍କୃତ କବିତା ସଂଗ୍ରହ ।"ଇଜ୍ୟା" ଗୁଜୁରାତି ଭାଷାରେ ଅନୁବାଦ ହେଇ 'ଗୁଜୁରାତି ସାହିତ୍ୟ ଏକାଡେମି ' ଓ ମରାଠୀ ଭାଷାରେ ଅନୁବାଦ ହେଇ 'ଗ୍ରନ୍ଥରତ୍ନ,' 'ଅଗ୍ରୱାନ', 'ଯସୋବନ୍ତ 'ରାଓ ଦାତେ' ଓ ' ଯୁଗ ପ୍ରବର୍ତ୍ତକ' ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ହେଇଛି । ପାରମିତାଙ୍କ କବିତା ଓ କାହାଣୀ ମରାଠୀ, ଗୁଜୁରାତି, ରାଜସ୍ଥାନୀ, ବଙ୍ଗଳା, ତେଲଗୁ, ତାମିଲ, ପଞ୍ଜାବୀ, ହିନ୍ଦୀ, ଇଂଗ୍ଲିଶ ଓ ଓଡ଼ିଆ ଭାଷାରେ ଅନୁବାଦ ହେଇ ଦେଶ ବିଦେଶରେ ପ୍ରକାଶିତ ହେଇଛି।

## ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯/୩ (ନି.ପ୍ର):- ଆଗାମୀ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟରେ ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବହୁବିଧ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରିଛନ୍ତି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ସମସ୍ତ ବନଖଣ୍ଡରେ ଜଙ୍ଗଲ ଅଗ୍ନି ପ୍ରତିରୋଧକ ବାହିନୀ ପାଇଁ ଅଗ୍ନି ସଚେତନତା ସଭା ଏବଂ ପ୍ରଶିକ୍ଷଣ ସହିତ ମକ୍ ଡ୍ରିଲ୍ ସମ୍ପନ୍ନ ହୋଇସାରିଛି । ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ନୂତନ ଅଗ୍ନି ରେଖା ସୃଷ୍ଟି କରାଯାଇଛି ଏବଂ ପୁରାତନ ଅଗ୍ନି ରେଖାର ରକ୍ଷଣାବେକ୍ଷଣ କରାଯାଇଛି । ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ବନଖଣ୍ଡରେ ଅଗ୍ନି ପ୍ରତିରୋଧକ ବାହିନୀ ସହିତ ଯାନବାହନ ନିୟୋଜିତ ହୋଇଛନ୍ତି।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଅନୁଷ୍ଠିତ ହେଲା ପ୍ରତିଷ୍ଠାତା ସଂପାଦକ ଅନନ୍ତ ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୯/୩ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର ସଂପାଦକ ଥିବା ପ୍ରାକ୍ତନ ମନ୍ତ୍ରୀ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇର ଲଗାତର ଚାରିଥର ବିଧାୟକ ଥିବା ଅନନ୍ତ ଦାସଙ୍କ ବିୟୋଗରେ ଆଜି ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ନୃତ୍ୟ-ସଂଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶାଖାର ବହୁ ସଦସ୍ୟ ଏବଂ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ଅନନ୍ତ ଦାସଙ୍କ ବହୁବିଧ ଅବଦାନର ସ୍ମୃତିଚାରଣ କରି ଜିଲ୍ଲା ସଦର ମହକୁମାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସହ ଏକ ମାର୍ଗକୁ ତାଙ୍କ ନାମରେ ନାମିତ କରିବାକୁ ଦାବି ରଖିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବକ୍ତାମାନେ ଶ୍ରୀଯୁକ୍ତ ଦାସ ଭୋଗରାଇ ସମେତ ଜିଲ୍ଲାର ଉନ୍ନୟନ ଓ ଶିକ୍ଷା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ଅବଦାନ ରଖିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶାଖାର ସଂପାଦକ ଡ. କାଳୀପଦ ପଣ୍ଡା ୰ଦାସଙ୍କ ଜୀବନ ଓ ଅବଦାନର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲା ବେଳେ ଡ. ରମାକାନ୍ତ ବେହେରା, ଡ. କ୍ଷିତୀଶ୍ୱର ଦାଶ, ଅନସୂୟା ନାୟକ, ସୃଷ୍ଟିଧର ପରିଡ଼ା, ଆଡ୍‌ଭୋକେଟ ବିଜୟ କୁମାର ପାଣିଗ୍ରାହୀ, ବ୍ୟୋମନାଥ ରଥ, ସୀତାରାମ ପ୍ରଧାନ, ରମେଶ ଚନ୍ଦ୍ର ଜେନା, ସୁଦର୍ଶନ ଜେନା, ସୁଧାକର ସେଠୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କିଶୋର ଗାନ୍ଧୀ, କଲ୍ୟାଣୀ ନନ୍ଦ, ରତ୍ନାକର ଦାସ, ପ୍ରଦୀପ କୁମାର ପତି, ଉଦୟ ନାରାୟଣ ଦାସ, ରାଜେଶ ଗିରି, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦାସ, ଲକ୍ଷ୍ମୀନାରାୟଣ ଘୋଷ, କମଳାକାନ୍ତ ନାୟକ, ପଦ୍ମଲୋଚନ ଦତ୍ତ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ବିଷ୍ଣୁଚରଣ ଜେନା ପ୍ରମୁଖ ବହୁବ୍ୟକ୍ତି ଯୋଗଦେଇଥିଲେ।

# ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଆଉ ଏକ ଅନିୟମିତତା: କାମ ନସରୁଣୁ ଭାଙ୍ଗିଗଲା ରଟିଣା ପାଣିଟାଙ୍କି



ଖଇରା, ୧୯/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ଜୋନର ୭ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ନିର୍ମିତ ପାନୀୟଜଳ ପ୍ରକଳ୍ପ ନିର୍ମାଣ ର ପ୍ରତ୍ୟେକଟି କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ୨ଦିନ ତଳେ ରଟିଣା ମୁଦୁଲି ସାହିରେ ପାଣିଟାଙ୍କି କାମ ସରୁଣୁ ଭାଙ୍ଗି ତଳକୁ ଖସିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯେଉଁଥିପାଇଁ ବିଭିନ୍ନ ପଞ୍ଚାୟତର ଅଧିବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି । ଆରମ୍ଭରୁ ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି କାମରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନିତିକୁ ଲୋକଲୋଚନକୁ ଆଣିବାକୁ ରଟିଣା ସମେତ ହରିପୁର, ବାଉଁଶଗଡିଆ, କୁପାରୀ, ଗଡପୋଖରୀ, କଇଥଗଡିଆ, ବର୍ତ୍ତନା ପଞ୍ଚାୟତବାସୀ ଦାବୀ କରିଛନ୍ତି। ଉପରୋକ୍ତ ପଞ୍ଚାୟତ ଗୁଡିକ ପାହାଡିଆ ଅଞ୍ଚଳରେ ମଧ୍ୟରେ ଆସୁଥିବାରୁ ଗ୍ରୀଷ୍ମଋତୁରେ ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଥାଏ । ଯେଉଁଥିପାଇଁ ନଳକୂପ ରୁ ପାଣି ସଂଗ୍ରହ କଷ୍ଟ ହୋଇ ପଡିଥାଏ । ଏଭଳି ସମସ୍ୟାରୁ ମୁକୁଳିବାକୁ ୫ବର୍ଷ ତଳେ ତତକାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା । ଏବଂ ଏଥିପାଇଁ ପାଖାପାଖି ୮୫କୋଟି ଟଙ୍କା ମଞ୍ଜୁରୀ ମିଳିଥିଲା । ଏବେ ପ୍ରକଳ୍ପ ଆରମ୍ଭକୁ ୨ବର୍ଷ ବିତିବାକୁ ବସିଥିବା ବେଳେ ୬୦ଭାଗ କାମବି ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେପଟେ କାମରେ ସ୍ୱଚ୍ଛତା ଅଭାବରୁ ବିଭିନ୍ନ ସମୟରେ ଠିକାଦାରଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ବିରୋଧର ସମ୍ମୁଖିନ ହେବାକୁ ପଡୁଛି । ନଭେମ୍ବର ମାସରେ ଅନୁଷ୍ଠିତ ହୋଇଯାଇଥିବା ପଞ୍ଚାୟତସମିତି ର ୧୦ମ ଅଧିବେସନରେ ଭଦ୍ରକ ଏମପି ଅଭିମନ୍ୟୁ ସେଠୀ ମୋଗା ପ୍ରକଳ୍ପ କାର୍ଯ୍ୟ ଉପରେ ଆଲୋଚନା ରଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ନଭେମ୍ବର ୩୦ତାରିଖରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାସ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଠିକାଦାରକୁ ଯଥାଶିଘ୍ର ଶେଷ କରିବାକୁ କହିଥିଲେ । ହେଲେ ନିର୍ଦ୍ଧାରିତ ସମୟସୀମା ଶେଷ ପରେ ମଧ୍ୟ କାମ ଏବେ କଚ୍ଛପ ଗତିରେ ଚାଲିଛି ତାହା ପୁଣି ଏଷ୍ଟିମେଟ ଅନୁଯାୟୀ ହେଉନାହିଁ ବୋଲି ରଟିଣା ସରପଞ୍ଚ ବାସନ୍ତିଲତା ମହାନ୍ତି ଓ ଗ୍ରାମର ଉଦୟନାଥ ସାହୁ,ଭାସ୍କର ଦାସ ଓ ସନାତନ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ସେ ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ରାଜ୍ୟପାଳଙ୍କୁ ଭେଟିଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯/୩ (ନି.ପ୍ର): ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ବୁଧବାର ରାଜଭବନରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ, ଡ. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡିତ ଅନେକ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ବିଷୟରେ ଅବଗତ କରାଇଥିଲେ।

# ପାରା ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୧୯/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପାରା ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ମକୁଳ ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଚାନ୍ଦିମାଳ ନବୋଦୟ ବିଦ୍ୟାଳୟର ଉପାଧକ୍ଷ ନୃସିଂହ ଚରଣ ବ୍ରହ୍ମ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କଟକ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ର ଶିକ୍ଷକ କୈଳାସ ଚନ୍ଦ୍ର ନନ୍ଦ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶିବ ପ୍ରସାଦ ବାରିକ୍, ଶିକ୍ଷୟତ୍ରୀ ଜୟନ୍ତୀ ରାଉତ, ଶିକ୍ଷକ ନିରାକର ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୟାନିଧି ବେହେରା । ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ ଓ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଶିକ୍ଷକ ଶରତ କୁମାର ମହନି। ବାର୍ଷିକ ବିବରଣୀ ପାଠ କରିଥିଲେ ଶ୍ରୀକାନ୍ତ ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ପୁରାତନ ଛାତ୍ର ଦିପୁନ ନାୟକ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida